## ସଂକ୍ଷେପରେ

### ସାନଖେମୁଣ୍ଡି : ରାଜନୈତିକ ଶତ୍ରୁତାରୁ ଆକ୍ରମଣ ମାମଲା
### ଦେଢ଼ ମାସ ପରେ ୨ ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୪।୧(ଡି.ଏନ.ଏ.):** ପାଟପୁର ପୋଲିସ ସୋମବାର ରାମଚନ୍ଦ୍ରପୁର ଗ୍ରାମର ଅଜିତ କୁମାର ପ୍ରଧାନ ଏବଂ ସାତପେଣ୍ଠ ଗୋପାଳପୁର ଗ୍ରାମର ବାବୁଲା ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ନଭେମ୍ବର ୨୩ ତାରିଖ ରାତି ପ୍ରାୟ ସାଢ଼େ ୭ଟାରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଦ୍ୱୟ ରାମଚନ୍ଦ୍ରପୁର ଗ୍ରାମର ଅଭିମନ୍ୟୁ ଜେନାଙ୍କୁ ଢେ଼ଙ୍ଗାଓସ୍ତା-ପଳାସପୁର ରାସ୍ତାରେ ଅଟକାଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିମନ୍ୟୁ ତାଙ୍କ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ମୁହଁରେ ଗାମୁଛା ବାନ୍ଧି ତାଙ୍କୁ ଠେଙ୍ଗାରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପ୍ରଥମେ ଢେ଼ଙ୍ଗାଓସ୍ତା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଏତଲା ହେବା ପରେ ପାଟପୁର ପୋଲିସ ଘଟଣାର ତଦନ୍ତ କରି ମାମଲା ନଂ. ୨୨୭/୧୮ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲା।

### ଟ୍ରକ ଧକ୍କାରେ ବୃଦ୍ଧା ମୃତ, ବାଇକ୍ ଆରୋହୀ ଗୁରୁତର

**ଭଞ୍ଜନଗର,୧୪।୧(ଡି.ଏନ.ଏ.):** ତାରସିଂ ଥାନା କରଡ଼ାବଣି ଛକରେ ସୋମବାର ଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲେମ୍ବେଇର ଖଦାଲୁଣି ପ୍ରଧାନ (୬୦)। ଖଦାଲୁଣି ତାଙ୍କ ଗ୍ରାମର ଯୁବରାଜ ଆଲତିଆଙ୍କ ବାଇକ୍‌ରେ ବସି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ବାଇକ୍ ଚାଳକ ଯୁବରାଜ ମଧ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଯୁବରାଜ ବାଇକ୍‌ରେ ତାଙ୍କ ପଡ଼ୋଶୀ ଖଦାଲୁଣିଙ୍କୁ ବସାଇ କରଡ଼ାବଣି ମନ୍ଦିରରେ ଚଳିଥିବା ନାମଯଜ୍ଞକୁ ଆସୁଥିଲେ। କରଡ଼ାବଣି ଛକରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଖଦାଲୁଣି ମୃତ୍ୟୁ ଘଟିଥିଲା।

## ଛାତ୍ରୀ ପିଲା ଜନ୍ମ ଘଟଣା
# ଦୋଷୀଙ୍କୁ ଗିରଫ ଦାବି କଲା କଂଗ୍ରେସ

**ଫୁଲବାଣୀ ଅଫିସ, ୧୪।୧**

କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଜଣେ ସ୍କୁଲ ଛାତ୍ରୀ ପିଲା ଜନ୍ମ ଘଟଣାକୁ ନେଇ ଜିଲାରେ ଅସନ୍ତୋଷର ବାତାବରଣ ଜାରି ରହିଛି । ସୋମବାର କଂଗ୍ରେସର ଏକ ଟିମ୍ ଉକ୍ତ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ ଦାବି କରିଛି । ଏଥିସହ ସରକାର ଏବଂ ପ୍ରଶାସନ ଏଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ, ଯେପରି ଭବିଷ୍ୟତରେ ଏଭଳି ଘଟଣା ଆଉ ପଦାକୁ ନ ଆସିବ ବୋଲି ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

ଜିଲାର ରାଇକିଆ, କୋଟଗଡ, ଜି.ଉଦୟଗିରି, ଦାରିଙ୍ଗବାଡି, କ.ନୂଆଗାଁ, ବାଲିଗୁଡା ଓ ଖଜୁରିପଡା ଆଦି ବ୍ଲକଗୁଡିକରେ ଏଭଳି ଅଭାବନୀୟ ଘଟଣା ଅତୀତରେ ବାରମ୍ବାର ଘଟି ଆସିଛି। ଏଥିପାଇଁ ଉଭୟ ଶାସକ ଏବଂ ପ୍ରଶାସକ ଦାୟୀ । ଉତ୍ତରପ୍ରଦେଶ, ବିହାରରେ ବାଳାଶ୍ରମରେ ଏଭଳି ଅଭାବନୀୟ ଘଟଣା ଘଟିବା ପରେ ଦେଶର ଗୃହ ବିଭାଗ ଏକ ନିର୍ଦ୍ଦେଶନାମା ସବୁ ରାଜ୍ୟକୁ ଜାରି କରିଛନ୍ତି । ଏ ବାବଦରେ ଓଡିଶା ପୋଲିସ ମହାନିର୍ଦ୍ଦେଶକ ସମସ୍ତ ଏସ୍‌ପିମାନଙ୍କୁ ଅବଗତ କରି ମଝିରେ ମଝିରେ ଏଭଳି ଆଶ୍ରମ, ସେବାଶ୍ରମ ବିଦ୍ୟାଳୟକୁ ଯାଞ୍ଚ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହା ସତ୍ତ୍ୱେ ଜିଲାରେ ଏଭଳି ଘଟଣା ଘଟିବା ଅତ୍ୟନ୍ତ ବିଡମ୍ବନାର ବିଷୟ । ଜିଲା ପ୍ରଶାସନ ଖାଲି ନିଲମ୍ବିତ କିମ୍ବା ଛଟେଇ କରିଦେଲେ ହେବନାହିଁ । ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଗିରଫ କରି ଆଗାମୀ ୩ ଦିନ ମଧ୍ୟରେ ସେମାନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପାଇଁ ଆମେ ଏସ୍‌ପିଙ୍କୁ କହିବା ସହ ଦାବିପତ୍ର ଦେଇଛୁ ବୋଲି ପ୍ରଦେଶ କିଶାନ ସେଲ ସଭାପତି ଅମିୟ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପ ସଭାପତି ରାଧାକାନ୍ତ ଦିଗାଲ, ନକୁଳ ନାୟକ, ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଜୟନ୍ତୀ ପ୍ରଧାନ, ଜି.ଉଦୟଗିରି ବିଧାୟକ ଜାକବ ପ୍ରଧାନ, ଜିଲା ସଭାପତି ବରୁଣ ଭୋଇ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ପଟ୍ଟନାୟକ, ଉପସଭାପତି ସୂର୍ଯ୍ୟକାନ୍ତ ଦାସ, ଓବିସି ସେଲ ସଭାପତି ସଞ୍ଜୟ ଭଞ୍ଜ, ମହିଳା କଂଗ୍ରେସ ସଭାପତି ଜାନକୀ ପ୍ରଧାନଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


କଂଗ୍ରେସ କର୍ମକର୍ତ୍ତା ।

# ୧୭ରେ କନ୍ଧମାଳ ସୁରକ୍ଷା ଅଭିଯାନର ଜିଲା ବନ୍ଦ ଡାକରା

**ଦାରିଙ୍ଗବାଡ଼ି,୧୪।୧(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଜଣେ ଅଷ୍ଟମ ଶ୍ରେଣୀ ନାବାଳିକା ଛାତ୍ରୀ ମା' ହେବା ଜିଲା ପାଇଁ ଲଜ୍ଜାଜନକ ଘଟଣା। ଏହି ନିରୀହ ଜନଜାତି ନାବାଳିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆସନ୍ତା ୧୭ ତାରିଖରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି କନ୍ଧମାଳ ସୁରକ୍ଷା ଅଭିଯାନ । ଏହାର ଆବାହକ ପ୍ରତାପ କୁମାର ପ୍ରଧାନ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏ ନେଇ ଗଣମାଧ୍ୟମକୁ ଜଣାଇଛନ୍ତି। କନ୍ଧମାଳ ସୁରକ୍ଷା ଅଭିଯାନ ପକ୍ଷରୁ ୭ ଦଫା ଦାବି ରଖାଯାଇଛି। ନାବାଳିକା ଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ଓ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ଜିଲା ମଙ୍ଗଳ ଅଧିକାରୀଙ୍କୁ ତୁରନ୍ତ ବରଖାସ୍ତ ଓ ଅବହେଳା କରିଥିବା ଅନ୍ୟ ଅଧିକାରୀଙ୍କୁ ମଧ ବରଖାସ୍ତ , ବିଭାଗୀୟ ମନ୍ତ୍ରୀ ରମେଶ ମାଝିଙ୍କ ତୁରନ୍ତ ଇସ୍ତଫା ଓ ଏପରି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ସେଥିପାଇଁ ସ୍ୱତନ୍ତ୍ର ଆଇନ ଓ ନିତିନିୟମ ପ୍ରସ୍ତୁତ କରିବା ଓ ଜି.ଉଦୟଗିରିଠାରେ ଏକ ଅତିରିକ୍ତ ଦୌରାଜଜ୍ ଆଡିସିନାଲ ସେସନ କୋର୍ଟ ପ୍ରତିଷ୍ଠା ଆଦି ଦାବି ରହିଛି । ଚିଠିରେ କନ୍ଧମାଳ ସୁରକ୍ଷା ଅଭିଯାନର ସଭାପତି ସାନ୍ତନୁ ପ୍ରଧାନ, ସମ୍ପାଦକ ପ୍ରଭାତ ବେହେରା, ସନ୍ତୋଷ ନାୟକଙ୍କ ନାମ ରହିଛି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରାଜ୍ୟ ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଭାଜପା

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

କନ୍ଧମାଳ ଜିଲାର ଦାରିଙ୍ଗବାଡିର ସରକାରୀ ଆଶ୍ରମ ସ୍କୁଲରେ ଜଣେ ୮ମ ଶ୍ରେଣୀର ଛାତ୍ରୀ ସନ୍ତାନ ପ୍ରସବ ଘଟଣାକୁ ରାଜ୍ୟ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। କୁଚିଣ୍ଡା ବିଧାୟକ ରବି ନାଏକ ସୋମବାର ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ବିଭାଗୀୟ ମନ୍ତ୍ରୀ ରମେଶ ମାଝିଙ୍କ ଇସ୍ତଫା ଦାବି କରିଛନ୍ତି। ରବି କହିଛନ୍ତି, ୨୦୧୭ ମାର୍ଚ୍ଚ ୨୪ରେ ବିଧାନସଭାରେ ତତ୍‌କାଳୀନ ଆଦିବାସୀ ମନ୍ତ୍ରୀ ଏକ ତଥ୍ୟ ଦେଇଥିଲେ। ଉକ୍ତ ତଥ୍ୟରେ ରାଜ୍ୟ ସରକାର ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ସେବାଶ୍ରମ ଓ ଛାତ୍ରୀନିବାସ ଅନ୍ତେବାସୀଙ୍କ ସହ ମାସକୁ ଥରେ ଏ.ଏନ.ଏମ୍.ଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ବୋଲି ଉଲ୍ଲେଖ କରାଯାଇଥିଲା । ଏ ସଂକ୍ରାନ୍ତ ଏକ ନିର୍ଦ୍ଦେଶନାମା ବିଭାଗର ପତ୍ର ନଂ. ୭୧୬୮ ଦ୍ୱାରା ୨୦୧୫, ୩୦ ମାର୍ଚ୍ଚରେ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଚିଠିରେ ନାବାଳିକାମାନଙ୍କ ଗର୍ଭବତୀ ସମ୍ବନ୍ଧରେ ବିଶେଷ ମନିଟରିଂ ପାଇଁ ନିର୍ଦ୍ଦେଶ ଅଛି । ଆବାସିକ ବିଦ୍ୟାଳୟରେ ରହୁଥିବା ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିୟମ ରହିଛି । ଏହି ନିୟମ ପାଳନ କରିବାରେ ପ୍ରଶାସନ କାହିଁକି ବିଫଳ ହେଲା ବୋଲି ରବି ପ୍ରଶ୍ନ କରିଛନ୍ତି।

ଅନୁସୂଚିତ ଜାତି ଓ ଜନଜାତି ବିଭାଗର କମିଶନର ତଥା ସଚିବ ପଦବୀରେ ଜଣେ ଆଇଏଫ୍‌ଏସ ଅଫିସର ଅଛନ୍ତି, ମାତ୍ର ଏଥିରେ ଆଇଏଏସ ଅଫିସର ରହିବା କଥା। ରାଜ୍ୟର ସମୁଦାୟ ୪୦% ଲୋକ ହେଉଛନ୍ତି ଅନୁସୂଚିତ ଜାତି(ଏସ୍‌ସି) ଓ ଜନଜାତି(ଏସ୍‌ଟି) ବର୍ଗର । ୧କୋଟି ୬୦ ଲକ୍ଷ ଲୋକଙ୍କ କଥା ବୁଝିବା ପାଇଁ ଥିବା ବିଭାଗର ଦାୟିତ୍ୱରେ ଜଣେ ଉଚ୍ଚପଦସ୍ଥ ଆଇଏଏସ ଅଧିକାରୀ ନ ରଖିବା ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ମନୋଭାବର ପରିଚୟ । ସେହିପରି ଆଶ୍ରମ ସ୍କୁଲରେ ନାବାଳିକାମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା ବିଷୟରେ ଛାତ୍ରୀମାନେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଏକ ହଟଲାଇନ ଟେଲିଫୋନର ବ୍ୟବସ୍ଥା ଅଛି। ଯାହାର ନିୟନ୍ତ୍ରଣ କକ୍ଷ ଆଦିବାସୀ ପଡିଆରେ ରହିଛି। ତାହା ଠିକ୍ ଭାବେ କାମ କରୁଥିଲା କି ନାହିଁ ବୋଲି ରବି ପ୍ରଶ୍ନ କରିଛନ୍ତି? ତାହାର ଠିକା କାହାକୁ ଦିଆଯାଇଛି ତାହାର ମଧ ତଦନ୍ତ ହେବା ଉଚିତ । କେବଳ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବହିଷ୍କାର କରି ଦାୟିତ୍ୱ ଖସାଇଲେ ଚଳିବ ନାହିଁ । ବେପରୁଆ ଏବଂ ଦାୟିତ୍ୱହୀନତା ପାଇଁ ବିଭାଗୀୟ ମନ୍ତ୍ରୀ ରମେଶ ମାଝି ଇସ୍ତଫା ଦେବାର ଯଥାର୍ଥତା ରହିଥିବା ବିଧାୟକ ରବି କହିଛନ୍ତି।

ଅପରପକ୍ଷରେ ମନ୍ତ୍ରୀ ରମେଶ କହିଛନ୍ତି, ଏଭଳି ଘଟଣାର ପୁନରାବୃତ୍ତି ହେବାକୁ ଦିଆଯିବ ନାହିଁ। ସମସ୍ତ ଦୋଷୀଙ୍କୁ ନିଶ୍ଚୟ ଦଣ୍ଡ ମିଳିବ। ରାଜ୍ୟରେ ପ୍ରାୟ ୧୦୦୦ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲାଗିବ। ବିଦ୍ୟାଳୟଗୁଡିକରେ ଘଟୁଥିବା ସମସ୍ତ ଘଟଣା ଉପରେ ଦୃଷ୍ଟି ରଖାଯିବ। ରାଜ୍ୟ ସରକାର ଏ ଘଟଣାକୁ ନେଇ ସମ୍ବେଦନଶୀଳ । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ଅଧିକାରୀଙ୍କୁ ରିପୋର୍ଟ ତଲବ କରାଯିବ। ପ୍ରାଥମିକ ଭାବେ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବନ ଏବଂ ବହିଷ୍କୃତ କରାଯାଇଛି। ବିରୋଧୀ ଏହାକୁ ନେଇ ରାଜନୀତି ନ କରନ୍ତୁ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଜି.ଉଦୟଗିରି,୧୪।୧(ଡି.ଏନ.ଏ.):** ଜି.ଉଦୟଗିରି ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଭାରପ୍ରାପ୍ତ ଅତିରିକ୍ତ ଉପଜିଲାପାଳ ମିତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଁ ଆଗାମୀ ଉତ୍ସବ ଓ ଅଟକଳ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଜି.ଉଦୟଗିରି ତହସିଲଦାର ଭିକାରୀ ସାହୁ, ଧରଣୀଧର ବେହେରା, ଜୟକୃଷ୍ଣ ବେହେରା ଓ ଥାନାଧିକାରୀ ଲକ୍ଷ୍ମଣ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

**ଶ୍ରୀଯୁକ୍ତ ସିଭିଲ ଜଜ ସିନିୟର ଡିଭିଜନ**
**ଖଲ୍ଲିକୋଟ, ଗଞ୍ଜାମ**

କେସ୍ ନଂ-ସି.ଏସ୍-୪୩/୧୭
ପୀତବାସ ସାହୁ.............ବାଦୀ
ବନାମ
ଭି. ସୁଜ୍ଞାନୀ କୁମାରୀ ଦେଓ ଓଗେର.....ପ୍ରତିବାଦୀ

ପ୍ରାପ୍ତେଷୁ-
(୧) ଭି. ସୁଜ୍ଞାନୀ କୁମାରୀ ଦେଓ, ବୟସ: ପ୍ରାୟ ୮୦ ବର୍ଷ, ସ୍ୱାମୀ: ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ଦେଓ, ବିଧାୟକ, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ, ଗ୍ରାମ: ନିର୍ମଳଝର, ପୋଷ୍ଟ/ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ
(୨) ଶ୍ରୀମତୀ ଅଶୋକା ମାହାନ୍ତି, ବୟସ: ପ୍ରାୟ ୬୧ ବର୍ଷ, ସ୍ୱାମୀ: ସ୍ୱର୍ଗତ ଗଙ୍ଗାଧର ମାହାନ୍ତି, ଗ୍ରାମ: ବୁରୁଝରି, ପୋଷ୍ଟ: ବି.ନୂଆଗାଁ, ଥାନା: କୋଦଳା, ଜିଲ୍ଲା: ଗଞ୍ଜାମ
(୩) ଶ୍ରୀମତୀ ପ୍ରତିମା କୁମାରୀ ପଟ୍ଟନାୟକ, ବୟସ: ପ୍ରାୟ ୬୧ ବର୍ଷ, ସ୍ୱାମୀ: ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଗ୍ରାମ: ନେହରୁନଗର ଅଷ୍ଟମ ଲାଇନ୍, ପୋଷ୍ଟ: ଗୋସାଣୀନୂଆଗାଁ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ

**ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ପୀତବାସ ସାହୁ, ବୟସ: ୪୭ ବର୍ଷ, ପିତା: ମନୋହର ସାହୁ, ବୃତ୍ତି: ବ୍ୟବସାୟ, ଗ୍ରାମ/ପୋଷ୍ଟ: ପୁସ୍ତପୁର, ଥାନା: କୋଦଳା, ଜିଲ୍ଲା: ଗଞ୍ଜାମ, ଆପଣମାନଙ୍କ ବିରୁଦ୍ଧରେ ନିମ୍ନୋକ୍ତ ତଫସିଲ ଜାଗା ସମ୍ବନ୍ଧେ ଉକ୍ତ ଅଦାଲତରେ ଉପରୋକ୍ତ କେସ ଦାଖଲ କରିଛନ୍ତି, ଆପଣ ବା ଆପଣଙ୍କ କ୍ଷମତାପ୍ରାପ୍ତ ବ୍ୟକ୍ତି ବା କୌଣସି ଓକିଲଙ୍କ ମାର୍ଫତରେ, ଯେ କି ତଫସିଲ ଜାଗା ସମ୍ବନ୍ଧ ଅବଗତି ଥିବେ, ଆସନ୍ତା ତା୦୨।୦୨।୨୦୧୯ ରିଖ ସମୟ ଘ.୧୦.୩୦ମି ସକାଳବେଳା ଅଦାଲତରେ ହାଜର ହୋଇ କୈଫତ୍ ଦାଖଲ କରିପାରିବେ। ଅନ୍ୟଥା କେସର ଫେସଲା ଆପଣଙ୍କ ଅନୁପସ୍ଥିତିରେ କରାଯିବ। ତା୧୯।୧୨।୨୦୧୮ରିଖରେ ଅଦାଲତଙ୍କ ସହି ମୋହର ଓ ଦସ୍ତଖତ ଦିଆଗଲା।

**ତଫସିଲ ଜାଗା**

ଖାତା ନଂ: ୬୧, ପ୍ଲଟ ନଂ:୪୪, ଏରିଆ ୦.୦୨୦.୫ ଡେସିମିଲ, ଫୁଟ ମାପ ପ୍ରକାରେ ଦକ୍ଷିଣ ଉତ୍ତର ଓସାର: ୧୫ ଫୁଟ, ପୂର୍ବ ପଶ୍ଚିମ ଲମ୍ବା: ୫୯.୪୫ ଫୁଟ, କିସମ: ଘରବାରି ଓ ଏଥିକୁ ହଦ-ପୂର୍ବ-ରୋଡ, ପଶ୍ଚିମ- ନାଳ, ଦକ୍ଷିଣ-କୃଷ୍ଣ ଚନ୍ଦ୍ର ସାହୁଙ୍କ ଘରବାରି ଜାଗା ଓ ଉତ୍ତର ନିଜର (ବାଦୀ) ଘରବାରି ଜାଗା।

ସ୍ୱା./- ସିଭିଲ ଜଜ ସିନିୟର ଡିଭିଜନ, ଖଲ୍ଲିକୋଟ, ଗଞ୍ଜାମ




CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable






ଧରିତ୍ରୀ
DHARITRI
ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ଜଳ ସଂରକ୍ଷଣ ବକ୍ତୃତା ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ୍,୧୪।୧:** ସ୍ଥାନୀୟ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜଳ ସଂରକ୍ଷଣ ବିଷୟ ଉପରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ୨୨ ବ୍ଲକ ତଥା ୮ ଜଳସେଚନ ଡିଭିଜନ୍‌ରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ମୋଟ ୨୪ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜଳକୁ ସଂରକ୍ଷଣ କିପରି କରିବା ଓ ଜଳର ଗୁଣବତ୍ତା ବିଷୟରେ ଛାତ୍ରୀଛାତ୍ରମାନେ ସେମାନଙ୍କ ମତ ରଖିଥିଲେ। କନକ ମଞ୍ଜରୀ ବାଳିକା ବିଦ୍ୟାଳୟର ଉର୍ମିଳା ସାହୁ ପ୍ରଥମ ହୋଇଥିବା ବେଳେ କେ.ଡି. ବିଦ୍ୟାପୀଠ ନେଟେଙ୍ଗାର ଜ୍ୟୋତିସ୍ମିତା ବେହେରା ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆରାଧନା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏହି କୃତୀ ଛାତ୍ରୀଛାତ୍ରମାନେ ଗଞ୍ଜାମ ଜିଲା ପକ୍ଷରୁ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାକୁ ବୃଷକେତୁ ଦାଶ, ସୀମାଞ୍ଚଳ ନାହାକ ଓ ସୁଜାତା ମହାରଣା ପ୍ରମୁଖ ପରିଚାଳନା କରିଥିଲେ । ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅଫିସ୍ ଆସିଷ୍ଟାଣ୍ଟ ସରୋଜ କୁମାର ଦାଶ ପରିଚାଳନାରେ ସହଯୋଗ କରିଥିଲେ ।

### ବୈଦିକ ବ୍ରାହ୍ମଣ ସମିତି ବୈଠକ

ବ୍ରହ୍ମପୁର ଅଫିସ୍,୧୪।୧-ଗଞ୍ଜାମ ଜିଲା ବୈଦିକ ବ୍ରାହ୍ମଣ ସମିତିର ଏକ ବୈଠକ ଗୋଇଲୁଣ୍ଡି ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ସମିତିର ବ୍ରହ୍ମପୁର ମହାନଗର ଶାଖା ସଭାପତି ସୁଧାଂଶୁ ଶେଖର ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ସମିତି ସାଧାରଣ ସମ୍ପାଦକ ଭଗବାନ ତ୍ରିପାଠୀ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କେନ୍ଦ୍ର ସରକାର ସବର୍ଣ୍ଣଙ୍କୁ ୧୦ପ୍ରତିଶତ ସଂରକ୍ଷଣ ଦେଇଥିବାରୁ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ସମିତି ବାର୍ଷିକ ଜିଲା ସମ୍ମିଳନୀ ସାଧାରଣ ନିର୍ବାଚନ ପରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ନଗର ସମ୍ପାଦକ କୁମୁଦ ଚନ୍ଦ୍ର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ସୁରେନ୍ଦ୍ର ମିଶ୍ର, ଉପଦେଷ୍ଟା ଦେବରାଜ ହୋତା, ସୀମାଞ୍ଚଳ ମହାପାତ୍ର, ରାମେଶ୍ୱର ଶତପଥୀ, ଶୋଭାଚନ୍ଦ୍ର ଦାଶ, ବଂଶୀଧର ହୋତା, ସୀମାଞ୍ଚଳ ତ୍ରିପାଠୀ ଓ ରଜନୀକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାର୍ଦ୍ଧକ୍ୟ, ବିଧବା ଭତ୍ତା ମାସିକ ୩ ହଜାର ଦିଆଯାଉ

**ବ୍ରହ୍ମପୁର ଅଫିସ,୧୪।୧**

ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ସରକାରଙ୍କ ପକ୍ଷରୁ ମାସିକ ୩ ଶହ ଟଙ୍କା ଲେଖାଏ ଭତ୍ତା ଦିଆଯାଉଛି । ବର୍ତ୍ତମାନର ବଜାର ଦର ଲଗାମଛଡ଼ା ହୋଇଯାଇଛି । ତେଣୁ ଭତ୍ତା ବୃଦ୍ଧି କରିବା ଅପରିହାର୍ଯ୍ୟ ହୋଇଛି। ସର୍ବନିମ୍ନ ଭତ୍ତା ମାସିକ ୩ ହଜାର ଟଙ୍କା ଧାର୍ଯ୍ୟ କରିବାକୁ ଅଖିଳ ଭାରତ କିଷାନ ମଜଦୁର ସଭା (ଏଆଇକେଏମ୍ଏସ୍) ଦାବି କରିଛି । କେନ୍ଦ୍ର ଓ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଫେବୃୟାରୀ ୧୫ ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ଏହାର ପ୍ରତିବାଦରେ ରାଜ୍ୟର ହଜାର ହଜାର ଚାଷୀ, ମୂଲିଆ, ଶ୍ରମିକ, ବୃଦ୍ଧା, ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କୁ ସଂଗଠିତ କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନବୀନ ନିବାସ ଘେରାଉ ସହ ବିକ୍ଷୋଭ କରାଯିବାର ଚେତାବନୀ ଦିଆଯାଇଛି ।

ଏଆଇକେଏମ୍ଏସ୍ ରାଜ୍ୟ କମିଟି ପକ୍ଷରୁ ସୋମବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି,୨୦୧୧ ଜନଗଣନାନୁସାରେ ଦେଶରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୦.୩୮ କୋଟି ଦର୍ଶାଯାଇଛି । ୭ ବର୍ଷ ମଧ୍ୟରେ ଏହି ସଂଖ୍ୟା ଯଥେଷ୍ଟ ବଢ଼ିଥିବା ଅନୁମାନ କରାଯାଇଛି । ଏମ୍‌ପି ଓ ବିଧାୟକମାନଙ୍କ ଦରମା ଓ ପେନସନ ବାରମ୍ବାର ବୃଦ୍ଧି କରାଯାଉଥିବା ବେଳେ ବୃଦ୍ଧା, ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ଭତ୍ତା ୩ ଶହ ଟଙ୍କାରେ ସୀମିତ ରହିଛି । ପରିଣତ ବୟସରେ ଏହି ସୀମିତ ପେନସନରେ ବଞ୍ଚିବା କଷ୍ଟସାଧ୍ୟ ହୋଇଛି । ତେଣୁ ସେମାନେ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାର ୬୦ ରୁ ୬୯ ବୟସର ଲୋକଙ୍କୁ ମାସିକ ୨ ଶହ ଏବଂ ୮୦ରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କୁ ମାସିକ ୫ ଶହ ଟଙ୍କା ଭତ୍ତା ଦେଉଛନ୍ତି । ରାଜ୍ୟ ସରକାରଙ୍କ ଅଂଶଧନ ବାବଦରେ ଶହେ ଟଙ୍କା ମିଶାଇ ୩ ଶହ ଟଙ୍କା ଦିଆଯାଉଛି । ଭାଲଚନ୍ଦ୍ର କହିଥିଲେ, ପେନସନ ବା ଭତ୍ତା ସରକାରଙ୍କ ଅନୁକମ୍ପା ନୁହେଁ। ଏହା ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ନାଗରିକଙ୍କ ଅଧିକାର ହେବା ଉଚିତ। ୨୦୦୭ରେ କେନ୍ଦ୍ର ସରକାର ଇନ୍ଦିରା ଗାନ୍ଧୀ ବୃଦ୍ଧାବସ୍ଥା ପେନସନ ଯୋଜନା ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନା ପ୍ରଚଳନ କରିଥିଲେ। ତେବେ ତାହା ନାମକୁ ମାତ୍ର ହୋଇଛି। ଗତ ୧୨ ବର୍ଷ ଧରି ଏହା ବୃଦ୍ଧି ପାଇନାହିଁ। ଅପରପକ୍ଷେ ବିଜେଡି ସରକାର ମଧୁବାବୁ ପେନସନ ଯୋଜନା କରି ୧୯.୮୫ ଲକ୍ଷ ହିତାଧିକାରୀଙ୍କୁ ମାସିକ ୩ ଶହ ଟଙ୍କା ଲେଖାଏ ଦେଉଛନ୍ତି। ଏବେ ବି ପରିମାଣ ବୃଦ୍ଧି କରୁନାହାନ୍ତି। ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାର ପରିମାଣ ବୃଦ୍ଧି କରିବାକୁ ଷଡ଼ଙ୍ଗୀ ଦାବି କରିଛନ୍ତି। କେରଳ, ଦିଲ୍ଲୀ, ଗୋଆ, ପଣ୍ଡିଚେରୀ, ଆଣ୍ଡାମାନ ନିକୋବର ସରକାର ମାସିକ ୨ ହଜାର ଟଙ୍କା ଲେଖାଏ ହିତାଧିକାରୀଙ୍କୁ ଦେଉଛନ୍ତି। ଇତିମଧ୍ୟରେ ଆନ୍ଧ୍ର ସରକାର ମଧ ୨ ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି । ଉତ୍ତରପ୍ରଦେଶ, ବିହାର, ତେଲେଙ୍ଗାନା, ଛତିଶଗଡ଼ ଓ ଆଉ କେତେକ ରାଜ୍ୟ ପେନସନ ବା ମାସିକ ଭତ୍ତା ବୃଦ୍ଧି କରିଥିବାରୁ ଓଡ଼ିଶା ସରକାର ମଧ୍ୟ ବଢ଼ାଇବା ପାଇଁ ସେ ଦାବି କରିଛନ୍ତି । ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଜିଲା ଶାଖା ଉପସଭାପତି ପୀତବାସ ପ୍ରଧାନ ଓ ଲଡ୍ଡୁ କିଶୋର ଡ଼ାକୁଆ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଭାଲଚନ୍ଦ୍ର ଓ ଅନ୍ୟମାନେ।

**ଏଆଇକେଏମ୍ଏସ୍‌ର ଦାବି**

■ ଫେବୃୟାରୀ ୧୫ ସୁଦ୍ଧା ଦାବି ପୂରଣ ନ କଲେ ନବୀନ ନିବାସ ଘେରାଉ ଘୋଷଣା

# ବିଦେଶରେ ୨ ଦାଦନ ଶ୍ରମିକ ମୃତ

## ମୃତଦେହ ଗାଁରେ ପହଞ୍ଚିବା ନେଇ ଅନିଶ୍ଚିତତା



ନବ ପ୍ରଧାନ



ଅଭିରାମ ମୁଦୁଲି (ଫାଇଲ ଫଟୋ)

**ଖଲ୍ଲିକୋଟ,୧୪।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତର ୨ ଦାଦନ ଶ୍ରମିକଙ୍କ ବିଦେଶରେ ମୃତ୍ୟୁ ଘଟିଛି। ସେମାନେ ହେଲେ ନବ ପ୍ରଧାନ (୩୯), ଅଭିରାମ ମୁଦୁଲି (୩୮)।

ପ୍ରକାଶ ଯେ, ମହେଶ୍ୱରପୁର ଗ୍ରାମ ଗୋଡ଼ିପଦର ସାହିର ନବ ଡିସେମ୍ବର ୨୦୧୮ରେ ମସକଟ ଓମାନକୁ ଯାଇଥିଲେ। ୧୨ ଜାନୁୟାରୀ ଶନିବାର ରାତିରେ ନବଙ୍କ ସ୍ତ୍ରୀ ବୁଲିଙ୍କୁ ଫୋନ ଆସିଲା ନବ ଗୁରୁତର ଅଛନ୍ତି । ପରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଆସିଥିଲା ।

ସେହିପରି କହ୍ନେଇପୁର ଗ୍ରାମ କୁମ୍ଭାରସାହିର ଅଭିରାମ ୭ ମାସ ପୂର୍ବେ ଦାଦନ ଶ୍ରମିକ ଭାବେ କୁଏତ ଯାଇଥିଲେ । ସେଠାରେ ସେ ଏକ କମ୍ପାନୀରେ କାମ କରୁଥିଲେ । ଗତ ୧୦ତାରିଖରେ ଅଭିରାମଙ୍କ ମୃତ୍ୟୁ ହୋଇଥିବା ସ୍ତ୍ରୀ ନୀଳାଦ୍ରିଙ୍କ ନିକଟକୁ କମ୍ପାନୀରୁ ଫୋନ୍ ଆସିଥିଲା। ଉଭୟଙ୍କ ମୃତଦେହ ଗ୍ରାମକୁ କେବେ ଆସିବ ସେ ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଏଭଳି ଦୁଃଖଦ ଖବର ଶୁଣି ଭାଙ୍ଗିପଡ଼ିଛନ୍ତି। ଟଙ୍କାନେଇ ବିଦେଶକୁ ପଠାଇଥିବା ଦଲାଲ ଧରୁଛୁଆଁ ଦେଉନାହାନ୍ତି। ଏମାନଙ୍କୁ ତୁରନ୍ତ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଗଞ୍ଜାମ ଚାମ୍ପିୟନ୍, ଯାଜପୁର ରନର୍ସଅପ୍



ଚାମ୍ପିୟନ୍ ଗଞ୍ଜାମ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୧୪।୧**

**ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍**

ସ୍ଥାନୀୟ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ରେ ଚାଲିଥିବା ୨୫ତମ ଜୁନିୟର୍ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ଶିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୧୦ଦଳ ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। ଲିଗ୍ ଏବଂ ନକ୍‌ଆଉଟ୍ ପର୍ଯ୍ୟାୟ ପରେ ସେମିଫାଇନାଲ୍ ଖେଳାଯାଇଥିଲା । ପ୍ରଥମ ସେମିଫାଇନାଲ୍‌ରେ ଗଞ୍ଜାମ ୧୬-୯ରେ ଜଗତସିଂହପୁରକୁ ଏବଂ ଦ୍ୱିତୀୟ ସେମିଫାଇନାଲ୍‌ରେ ଯାଜପୁର ୨୦-୪ରେ କେନ୍ଦୁଝରକୁ ପରାସ୍ତକରି ଫାଇନାଲ୍‌ରେ ପ୍ରବେଶ କରିଥିଲା। ଗଞ୍ଜାମ ଏବଂ ଯାଜପୁର ଜିଲା ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଉତ୍କଣ୍ଠାପୂର୍ଣ୍ଣ ଏହି ମ୍ୟାଚ୍‌କୁ ଗଞ୍ଜାମ ୩୫-୨୫ ପଏଣ୍ଟ୍‌ରେ ଜିଣି ଚାମ୍ପିୟନ୍ ହୋଇଛି। ସେହିଭଳି ଯାଜପୁର ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ସେହିଭଳି ତୃତୀୟ ସ୍ଥାନ ପାଇଁ କେନ୍ଦୁଝର ଏବଂ ଜଗତସିଂହପୁର ମଧ୍ୟରେ ମ୍ୟାଚ୍ ଖେଳାଯିବାର ଥିଲା। ହେଲେ କେନ୍ଦୁଝର ଅନୁପସ୍ଥିତ ରହିବାରୁ ଜଗତସିଂହପୁରକୁ ବିଜୟୀ ଘୋଷଣା କରାଯାଇଥିଲା। ଏହା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ସଂଘ ସଭାପତିଅଶୋକଶୁକ୍ଳଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଚାମ୍ପିୟନ୍ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଏବଂ ବିଜେଡ଼ି ନେତା କେ.ଅନିଲ କୁମାର ମଞ୍ଚାସୀନ ଥିଲେ । ଗଞ୍ଜାମର ମୀନକେତନ ଦାସଙ୍କୁ ଶ୍ରେଷ୍ଠ ଖେଳାଳି, ଦୀପକ କୁମାର ଦାସଙ୍କୁ ଶ୍ରେଷ୍ଠ କିପର୍, ସନ୍ଦୀପ କୁମାରଙ୍କୁ ଶ୍ରେଷ୍ଠ ସପୋର୍ଟିଂ ଖେଳାଳି ଏବଂ ଯାଜପୁରର ବିଶ୍ୱନାଥ ବିଷୋୟୀଙ୍କୁ ଶ୍ରେଷ୍ଠ ଉଦୟମାନ୍ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ମନୋଜ କୁମାର ପାତ୍ର, ଉପସଭାପତି ଦୁଷ୍ମନ୍ତ ପାଢୀ ଓ କୋଚ୍ ପ୍ରଶାନ୍ତ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ୍,୧୪।୧**

କେ.ସି. ପବ୍ଲିକ୍ ସ୍କୁଲ୍ ଏବଂ କେ.ସି. ହାଇସ୍କୁଲ୍ (ଇଂରାଜୀ ମାଧ୍ୟମ)ର ବାର୍ଷିକ କ୍ରୀଡ଼ା ଉତ୍ସବ ବ୍ରହ୍ମପୁର ଷ୍ଟାଡ଼ିୟମ୍‌ରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବ୍ରହ୍ମପୁର୍ ଷ୍ଟାଡ଼ିୟମ୍ ଇନ୍‌ଚାର୍ଜ ସଚ୍ଚିନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। କେ.ସି. ପବ୍ଲିକ୍ ସ୍କୁଲ୍‌ରେ ଅଧ୍ୟକ୍ଷ ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ କେ.ସି. ହାଇସ୍କୁଲ୍ ଇଂଲିଶ ମାଧ୍ୟମ ଅଧ୍ୟକ୍ଷା ଭାରତୀ ମିଶ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମୁନ୍‌ମୁନ୍ ଚକ୍ରବର୍ତ୍ତୀ ଓ ସୁତପା ମୁଖାର୍ଜୀ ଉଦ୍‌ଘୋଷିକା ରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଦଣ୍ଡପାଣି ସାହୁ, ପଞ୍ଚାନନ ସାହୁ, ସୁମାନୀ ଗୌଡ଼, ପ୍ରଶାନ୍ତ ମଥାନ ଓ ପ୍ରଦୋଷ ପ୍ରଧାନଙ୍କ ସମେତ ଉଭୟ ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରାଧାପିକା ସୁଧାରାଣୀ ସାହୁ ଓ କ୍ଷମାଦେବୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

■ ପଟ୍ଟାରିକ୍ସା ଚାଳକ ସଂଘର ବାର୍ଷିକ ସମ୍ମିଳନୀ

# ଚାଳକଙ୍କୁ ଶ୍ରମିକର ମାନ୍ୟତା ଦାବି



ସମ୍ମିଳନୀରେ ଉପସ୍ଥିତ ପଟ୍ଟାରିକ୍ସା ଚାଳକମାନେ ।

**ବ୍ରହ୍ମପୁର ଅଫିସ,୧୪।୧**

ବ୍ରହ୍ମପୁର ପଟ୍ଟାରିକ୍ସା ଚାଳକ ସଂଘର ୨୮ତମ ବାର୍ଷିକ ସମ୍ମିଳନୀ ସୋମବାର ମହାନଗର ଉପକଣ୍ଠ ସୁକୁଣ୍ଡା ନୃସିଂହ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାରିକ୍ସା ଚାଳକମାନେ ବିଭିନ୍ନ ସମୟରେ ନାନା ଘଟଣା ଓ ଦୁର୍ଘଟଣାର ସମ୍ମୁଖୀନ ହେଉଥିବାରୁ ରାଜ୍ୟ ସରକାର ସେମାନଙ୍କୁ ବୀମାଭୁକ୍ତ କରିବା ପାଇଁ ଦାବି କରାଯାଇଛି। ଏହା ସହ ରିହାତି ମୂଲ୍ୟରେ ମୋଟର ଚାଳିତ ରିକ୍ସା ଯୋଗାଇବା, ଚାଳକଙ୍କୁ ଶ୍ରମିକର ମାନ୍ୟତା ଦେବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି । ଆଇଏନ୍‌ଟିୟୁସି ଗଞ୍ଜାମ ଜିଲା ସଭାପତି ଆଇନଜୀବୀ ପୀତବାସ ପଣ୍ଡା ଏଥିରେ ଅଧ୍ୟକ୍ଷତା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ବର୍ଷିଥିଲେ । ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, କଂଗ୍ରେସ ନେତା ଭୋକାଲି ସେଠୀ, ସୁରେନ୍ଦ୍ର ବେହେରା ଓ ବସନ୍ତ ପାତ୍ର ସମ୍ମାନିତ ଅତିଥି ଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ସାହୁ, ରାଜୁ ଦାସ, ଲାଛେୟା ରାଓ, ପ୍ରହଲାଦ ସେଠୀ, କାଲୁ ସାହୁ, ଶ୍ରୀହର୍ଷ ସାହୁ, ବୁଦ୍ଧିଆ ସାହୁ, ଗୋବିନ୍ଦ ଦାସ, ବୁଡୁ ଲେଙ୍କା, ଦୁର୍ଗା ଦାସ, ନୀଳକଣ୍ଠ ପଣ୍ଡା ଓ ରାଜେନ୍ଦ୍ର ବେହେରା ପ୍ରମୁଖ ପଟ୍ଟାରିକ୍ସା ଚାଳକଙ୍କ ସମସ୍ୟା ନେଇ ଆଲୋକପାତ କରିଥିଲେ । ଦୁଇ ଶହରୁ ଉର୍ଦ୍ଧ୍ୱ ଚାଳକ ଉପସ୍ଥିତ ଥିଲେ ।

# ଆଇଟିଆଇ ଫେଷ୍ଟ ଉଦ୍‌ଯାପିତ

## ଫୁଟବଲ, କବାଡି, ଖୋଖୋ, ଭଲିବଲ, ବ୍ୟାଡମିଣ୍ଟନରେ ଚାମ୍ପିୟନ



କବାଡିରେ ବିଜେତା ବ୍ରହ୍ମପୁର ଆଇଟିଆଇ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୧୪।୧**

ବ୍ରହ୍ମପୁର ଆଇଟିଆଇରେ ୪ ଦିନ ଅନୁଷ୍ଠିତ ହୋଇଥିବା ରିଜିଓନାଲସ୍ତରୀୟ ଆଇଟିଆଇ ଫେଷ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ହିଞ୍ଜିଳିକାଟୁ ଆଇଟିଆଇ ଅଧ୍ୟକ୍ଷ ଅମୂଲ୍ୟ ପଣ୍ଡା, ଛତ୍ରପୁର ଆଇଟିଆଇ ଅଧ୍ୟକ୍ଷ ମନ୍ମଥ କୁମାର ମାଝି, ଟେକ୍ନୋ ଆଇଟିଆଇ ଅଧ୍ୟକ୍ଷ ରଜନୀ ପାତ୍ର, ଦିଗପହଣ୍ଡି ଆଇଟିଆଇ ଅଧ୍ୟକ୍ଷ ଜୟନ୍ତ ବାବୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଗଞ୍ଜାମ ଗଜପତି ଜିଲାର ୩୦ ସରକାରୀ ଓ ବେସରକାରୀ ଆଇଟିଆଇର ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ଫେଷ୍ଟ ବାଳକ ବର୍ଗରେ ଅନୁଷ୍ଠିତ ଫୁଟବଲ, କବାଡି, ଖୋଖୋ, ଭଲିବଲ, ବ୍ୟାଡମିଣ୍ଟନରେ ବ୍ରହ୍ମପୁର ଆଇଟିଆଇ ଚାମ୍ପିୟନ ହୋଇଥିବା ବେଳେ କ୍ରିକେଟରେ ପୁରୁଷୋତ୍ତମପୁର ଆଇଟିଆଇ ବିଜେତା ହୋଇଛି । ସେହିପରି ବାଳିକା ବର୍ଗରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ହିଞ୍ଜିଳିକାଟୁ ଆଇଟିଆଇଟି ବିଜେତା ହୋଇଛି। ଏଥିସହ ବିଭିନ୍ନ ବର୍ଗରେ ଦୌଡ଼କୁଦ, ନୃତ୍ୟ, ସଙ୍ଗୀତ, କୁଇଜ,ବକ୍ତୃତା, ପ୍ରବନ୍ଧ ଓ ପେଣ୍ଟିଂ ପ୍ରଭୃତି ୫୫ ପ୍ରତିଯୋଗିତାରେ ଭାଗନେଇ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ଆଇଟିଆଇ ଫେଷ୍ଟରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗୀମାନେ ଆସନ୍ତା ଫେବୃୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଇଟିଆଇ ଫେଷ୍ଟରେ ଭାଗନେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଫେଷ୍ଟିବାଲରେ ୧୦ ଅଫିସିଆଲଙ୍କ ସମେତ ଆଇଟିଆଇର କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଧୁମ୍‌ଧାମ୍‌ରେ ପାଳନ ହେଲା ଭୋଗୀ

**ବ୍ରହ୍ମପୁର ଅଫିସ୍,୧୪।୧**

ବ୍ରହ୍ମପୁର ସହରରେ ସୋମବାର ଭୋଗୀ ଉତ୍ସବ ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଲକ୍ଷାଧିକ ତେଲୁଗୁ ସମ୍ପ୍ରଦାୟର ଲୋକମାନେ ବ୍ରହ୍ମପୁର ସହରରେ ବସବାସ କରୁଥିବା ଯୋଗୁ ସହରର ବହୁ ସ୍ଥାନରେ ଭୋଗୀ ଉତ୍ସବ ଆୟୋଜନ କରାଯାଇଥିଲା। ପରିବାର ବର୍ଗ ଏବଂ ସାଙ୍ଗସାଥୀଙ୍କ ମେଳରେ ଭୋଗୀକୁ ପାଳନ କରିବା ପାଇଁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ବିଶେଷକରି ରବିବାର ବିଳମ୍ବିତ ରାତିରୁ ହିଁ ଭୋଗୀ ଉତ୍ସବ ପାଳନ ଆରମ୍ଭ ହୋଇଥିଲା । ଏହି ଅବସରରେ ଧର୍ମନଗର ମୁଖ୍ୟ ରାସ୍ତାକଡ଼ ପଡ଼ିଆରେ ୟୁଥ୍ ୱାକର୍ସ କ୍ଲବ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଡ଼ିଆକୁ ସମ୍ପୂର୍ଣ୍ଣ ଗ୍ରାମ୍ୟ ବାତାବରଣ ମଧ୍ୟରେ ସଜେଇ ଦିଆଯାଇଥିଲା। କୃଷି ସମ୍ପର୍କିତ ପର୍ବ ହୋଇଥିବାରୁ ପଡ଼ିଆର କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ଯଥା ଶଗଡ଼, ତଳାରି, ହଳଲଙ୍ଗଳ ଆଦି ରଖାଯାଇଥିଲା । ଏଥି ସହ ଭଳିକି ଭଳି ପ୍ରକାରର ଗୁଡ଼ି ରଖାଯାଇଥିଲା। ବହୁ ବର୍ଷ ହେଲା ୟୁଥ୍ ୱାକର୍ସ କ୍ଲବ ତରଫରୁ ଭୋଗୀ ଉତ୍ସବ ଆୟୋଜନ ହେଉଥିଲେ ମଧ୍ୟ ଚଳିତ ବର୍ଷର ଆୟୋଜନରେ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥିଲା। ପ୍ରଥମ ଥର ପାଇଁ ଗାଙ୍ଗିରେଡ୍ଡୁ(ତାଲିମ୍‌ପ୍ରାପ୍ତ ଷଣ୍ଢ)କୁ ଏଥିରେ ସାମିଲ୍ କରାଯାଇଥିଲା । ମକର ପାଳନର ସପ୍ତାହେ ପୂର୍ବରୁ ଗାଙ୍ଗିରେଡ୍ଡୁ ଗ୍ରାମାଞ୍ଚଳରେ ବୁଲି ଶୁଭେଚ୍ଛା ଜଣାଇଥାଏ। କିନ୍ତୁ ଧୀରେ ଧୀରେ ଏହି ପରମ୍ପରା ଲୋପ ପାଇଯାଇଛି। ଗାଙ୍ଗିରେଡ୍ଡୁ ଆଉ ଦେଖିବାକୁ ମିଳୁନି । ଯୁବପିଢ଼ିଙ୍କ ଗାଙ୍ଗିରେଡ୍ଡୁ ସମ୍ପର୍କରେ ଜଣାଇବା ପାଇଁ ଏହା ଆୟୋଜନ କରାଯାଇଥିଲା। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ୍ ଜିଲାର ବଇରିସାରଙ୍ଗପୁରରୁ ଗାଙ୍ଗିରେଡ୍ଡୁକୁ ଅଣାଯାଇଥିଲା। ସଭାପତି ଜି.ଜେ. ରବି ପ୍ରସାଦ ଏବଂ ସମ୍ପାଦକ କେ. ରବି କୁମାରଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ ହୋଇଥିଲା। ତେଲୁଗୁ ସମ୍ପ୍ରଦାୟର ବହୁ ପରିବାର ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

ଫ୍ରେଣ୍ଡସ୍ ୱେଲଫେୟାର୍ କ୍ଲବ ତରଫରୁ ପାର୍କ ସାହିରେ ଭୋଗୀ ଉତ୍ସବ ଆୟୋଜନ କରାଯାଇଥିଲା । ସଭାପତି ଆର୍. ଶଙ୍କର ରାଓ ଆଚାରୀ, ସମ୍ପାଦକ ପି.ଅରବିନ୍ଦ କୁମାର ଦେଶୀ ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ସେହିଭଳି ଶାସ୍ତ୍ରିନଗର ଗୋବିଲୁ(କୃଷ୍ଣପୂଜା) ଆୟୋଜନ ହୋଇଥିଲା । ବହୁ ଯୁବତୀ ଏଥିରେ ଭାଗନେଇ ନୃତ୍ୟ ଏବଂ ସଂଗୀତ ପରିବେଷଣ କରିଥିଲେ । ଏସ୍.ନାଗସ୍ମୃତୀ ଏବଂ ଏସ୍.ରାମ୍ୟା ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟପଟେ ତେଲୁଗୁ ବ୍ରାହ୍ମଣ ସେବା ସଂଘମ୍ ପକ୍ଷରୁ ହାଉସିଂବୋର୍ଡ଼ସ୍ଥିତ ଗାୟତ୍ରୀ ମନ୍ଦିର ବେଦ ଭବନରେ ଭୋଗୀ ଉତ୍ସବ ଆୟୋଜନ ହୋଇଛି । ଏହି ଅବସରରେ ଝୋଟି ଏବଂ ପାରମ୍ପରିକ ଖାଦ୍ୟ ଓ ମିଠା ପ୍ରତିଯୋଗିତା ହୋଇଥିଲା । ସନ୍ଧ୍ୟାରେ ପିଲାମାନଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଯୁବତୀ ଏବଂ ମହିଳାମାନେ ବଧୂ ବେଶରେ ସଜେଇ ହୋଇଥିଲେ । ଏହାକୁ ଭି.ଚନ୍ଦ୍ରକଳା ସଂଯୋଜନା କରିଥିବା ବେଳେ ସେବା ସଂଘମ୍‌ର ଜି.ଏସ୍.ପି. ଶର୍ମା, କେ.ଭି. ଏସ୍ଏସ୍ଆର୍ ପ୍ରସାଦ, ଆର୍.ଏନ୍. ମୂର୍ତ୍ତି, କେ.ଶ୍ରୀନିବାସ, ଏନ୍.ଏନ୍. ମୂର୍ତ୍ତି, ବି.ଏଚ୍. ବାଲକୃଷ୍ଣ ଶର୍ମା ଏବଂ ଅନ୍ୟମାନେ ପରିଚାଳନା କରିଥିଲେ। ସେହିଭଳି ଏନ୍‌ଟିଆର୍ ସେବା ସମିତି ତରଫରୁ ସତ୍ୟନାରାୟଣ ସ୍ୱାମୀ ମନ୍ଦିରରେ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବହୁ ଯୁବତୀ ଏବଂ ମହିଳା ଏଥିରେ ଭାଗ ନେଇଥିଲେ । ସଭାପତି ସି.ଏଚ୍. ଲକ୍ଷ୍ମଣ ରାଓ, ସମ୍ପାଦକ ଏସ୍.ଶ୍ରୀନିବାସ ରାଓ, ସିଏଚ୍. ଚକ୍ରଧର ରାଓ, ଉପଦେଷ୍ଟା ଡା. ଏସ୍. ରାଙ୍ଗା ରାଓ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ ।



ଶାସ୍ତ୍ରୀନଗରରେ ଗୋବିଲୁ ପୂଜା ।



ବ୍ରହ୍ମପୁର ଖଲାସି ସାହିରେ ଭୋଗୀ ପାଳନ କରାଯାଉଛି ।

## ସଂକ୍ଷେପରେ

### ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ସ୍ୱନକ୍ଷତ୍ର ଦିବସ



ବ୍ରହ୍ମପୁର ଅଫିସ,୧୪।୧:ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ୧୯ତମ ସ୍ୱନକ୍ଷତ୍ର ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି । ବାସୁଦେବ ନଗର ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଏ ଅଧକ୍ଷ ସୁବାସ ମହାରଣା, ଯୁକ୍ତ ୨ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ଡ. କୁଳମଣି ଓଝା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ କୁମାର ଦାସ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷ ଡା. ରାଧାମାଧବ ତ୍ରିପାଠୀ, ଜଗନମୋହନ ମହାପାତ୍ର, ଭାରତୀୟ ବିକାଶ ପରିଷଦ ପ୍ରତିଷ୍ଠାତା ବ୍ରଜବନ୍ଧୁ ମହାପାତ୍ର, ରାମନାରାୟଣ କଲେଜ ତୁରା ଅଧାପକ ଡ. ବନମାଳୀ ପାଣିଗ୍ରାହୀ, ଭାରତୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସାହୁ, ପୋଲସରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ଅଗସ୍ତି ବରାଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷାବ୍ୟବସ୍ଥା ତଥା ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶିଶୁଙ୍କୁ ଶୃଙ୍ଖଳିତ ଓ ଆଦର୍ଶ କରି ଗଢିତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ସହବନ୍ଧିତ ୩୦ ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗନେଇଥିଲେ । ଏଥିରେ ବାସୁଦେବନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ହୋଇଥିବା ବେଳେ ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଏବଂ ପୋଲସରା ଶିଶୁ ମନ୍ଦିର ତୃତୀୟ ହୋଇଥିଲା। ଉଷାରାଣୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏହାକୁ ପ୍ରକାଶ ଚନ୍ଦ୍ର ବିଷୋୟୀ ସଂଯୋଜନା କରିଥିଲେ। ଦଣ୍ଡପାଣି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ଏଟିଏମ୍‌ରେ ଟଙ୍କା ନ ଥିବାରୁ ଅସନ୍ତୋଷ

ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ଏଟିଏମ୍ ସମସ୍ୟା ଲାଗିରହିଛି। ଅଧିକାଂଶ ଏଟିଏମ୍‌ରେ ଅର୍ଥ ନାହିଁ। ଫଳରେ ପୋଙ୍ଗଲ ପାଇଁ ଜିନିଷପତ୍ର କିଣାକିଣି କରିବାକୁ ଚାହିଁବସିଥିବା ଲୋକଙ୍କୁ ନିରାଶ ହେବାକୁ ପଡ଼ିଛି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ପରିବାରରେ ପୋଙ୍ଗଲ ପର୍ବ ଫିକା ପଡିଯାଇଛି। କାଁ ଭାଁ ଏଟିଏମ୍‌ରେ ଟଙ୍କା ଥିବାବେଳେ ସେଠାରେ ଲୋକେ ଟଙ୍କା ଉଠାଇବା ପାଇଁ ଲମ୍ବା ଧାଡିରେ ଘଣ୍ଟାଘଣ୍ଟା ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ସହରବାସୀ ଅଭିଯୋଗ କରିଛନ୍ତି ।

### ପୂର୍ବାଞ୍ଚଳସ୍ତରୀୟ ବିଜ୍ଞାନ ମେଳାରେ ଗଜପତିର ସଫଳତା

ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.) : କୋଲକାତାରେ ଅନୁଷ୍ଠିତ ପୂର୍ବାଞ୍ଚଳସ୍ତରୀୟ ବିଜ୍ଞାନ ଓ ଗଣିତ ବୈଷୟିକ ପ୍ରକଳ୍ପ ମେଳାରେ ଗଜପତି ଜିଲାର ୨ଜଣ ବିଦ୍ୟାର୍ଥୀ ପ୍ରକଳ୍ପ ପ୍ରଦର୍ଶନ କରି ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି । ପୂର୍ବରୁ ସମ୍ବଲପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନ ଗଣିତ ଓ ପରିବେଶ ପ୍ରକଳ୍ପ ପ୍ରଦର୍ଶନୀରେ ଗଜପତି ଜିଲାର ୩ପ୍ରକଳ୍ପ ସ୍ଥାନ ପାଇଥିଲା। ପୂର୍ବାଞ୍ଚଳସ୍ତରୀୟ ବିଜ୍ଞାନ ମେଳାକୁ କାଶୀନଗରସ୍ଥ ଏମ୍.ଡି.ଭି.ଏସ୍ କନ୍‌ଭେଣ୍ଟ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ପଲ୍ଲବୀ ପାଣ୍ଡି, କରଡାସିଂ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଏନ୍. ପ୍ରେମସାଇଙ୍କ ପ୍ରକଳ୍ପ ମନୋନୀତ ହୋଇ ସ୍ୱତନ୍ତ୍ର ପୁରସ୍କାର ହାସଲ କରିଛି। ଏଥିପାଇଁ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ, ଗାଇଡ୍ ଶିକ୍ଷକ ସଂଯୁକ୍ତା ମିଶ୍ର ପ୍ରମୁଖ ବିଦ୍ୟାର୍ଥୀଦ୍ୱୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବିଏମ୍‌ସିରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଶୁଭାରମ୍ଭ

# ୨୦ କନ୍ୟାସନ୍ତାନ ସମ୍ମାନିତ

ବ୍ରହ୍ମପୁର ଅଫିସ,୧୪।୧

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଶିଶୁକନ୍ୟା ଜନ୍ମ ସଂଖ୍ୟା ବୃଦ୍ଧି ତଥା କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ଉଦ୍ଦେଶ୍ୟରେ ବିଜୁ କନ୍ୟାରତ୍ନ ଯୋଜନାର ଉପଯୋଜନା 'ମୋ ଗେହ୍ଲା ଝିଅ' କାର୍ଯ୍ୟକ୍ରମର ସୋମବାର ଶୁଭାରମ୍ଭ ହୋଇଯାଇଛି । ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ସମ୍ମିଳନୀ କକ୍ଷରେ ଆୟୋଜିତ ମହାନଗରସ୍ତରୀୟ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବିଡିଏ ଅଧକ୍ଷ ସୁବାସ ମହାରଣା, ଏଡିୟୁପିଏଚଓ ଡା. ଲଲାଟେନ୍ଦୁ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ପାଢୀ, ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ମହାପାତ୍ର, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ, ସିଡିପିଓ ବିଜୟ ଲକ୍ଷ୍ମୀ ନାୟକ ଓ ପ୍ରମିଳା ବେହେରା ମଞ୍ଚାସୀନ ଥିଲେ । ଏହି ଅବସରରେ ଜାନୁୟାରୀ ୫ ପରେ ଜନ୍ମଗ୍ରହଣ କରିଥିବା ୨୦ କନ୍ୟା ସନ୍ତାନଙ୍କୁ ମାନପତ୍ର ସହ ପୋଷାକ ପ୍ରଦାନ କରାଯାଇଥିଲା । ୨୦୧୧ ଜନଗଣନା ଅନୁସାରେ ଗଞ୍ଜାମ ଜିଲାରେ ୧୦୦୦ ପୁରୁଷରେ କନ୍ୟାଙ୍କ ଅନୁପାତ ୯୮୩ ରହିଥିଲା । ସେଥିମଧ୍ୟରେ ୬ ବର୍ଷରୁ କମ ବୟସର ଶିଶୁକନ୍ୟା ସନ୍ତାନଙ୍କ ଅନୁପାତ ୯୦୮ ରହିଥିଲା । ତେବେ ଗତ ୫ ବର୍ଷ ମଧ୍ୟରେ ଶିଶୁକନ୍ୟା ସନ୍ତାନଙ୍କ ଅନୁପାତରେ ବୃଦ୍ଧି ଘଟିଛି । ଏହାକୁ ଆହୁରି ତ୍ୱରିତ କରିବା, କନ୍ୟାଭ୍ରୁଣ ହତ୍ୟାକୁ ରୋକିବା ସହ ସମାଜରେ ନାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା । ଏଣିକି ପ୍ରତ୍ୟେକ ମାସର ୧୫ ତାରିଖ ମଧ୍ୟରେ ଜନ୍ମିତ ଶିଶୁଙ୍କ ଜନ୍ମ ଉତ୍ସବ ପାଳନ କରାଯିବା ସହ ଶିଶୁକୁ ପୋଷାକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଉକ୍ତ କନ୍ୟାସନ୍ତାନ ନାମରେ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ପବ୍ଲିକ ସାଇଡରୁ କେତେକ ଅର୍ଥରାଶି ଉକ୍ତ ସନ୍ତାନ ନାମରେ ବ୍ୟାଙ୍କରେ ଜମା କରାଯିବ । ଯାହା ସେହି କନ୍ୟାସନ୍ତାନଙ୍କ ଭବିଷ୍ୟତ ବିକାଶରେ କାର୍ଯ୍ୟରେ ଲାଗିବ ବୋଲି କମିଶନର ରାଠୋର ସୂଚାଇଥିଲେ । ଏଥିରେ ସହରର ୧୨୦ରୁ ଊର୍ଦ୍ଧ୍ୱ ମା, ଶିଶୁଙ୍କ ସମେତ ଅଙ୍ଗନୱାଡି, ଏଏନ୍‌ଏମ କର୍ମଚାରୀ ଉପସ୍ଥିତ ଥିଲେ ।



ମା' ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

## ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟ

# ଭାଗନେବାକୁ ୧୬ ଜଣିଆ ଦଳର କଟକ ଗସ୍ତ



ଖେଳାଳିଙ୍କ ସହ କ୍ରୀଡା ପରିଷଦର କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ, ୧୪।୧

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟ ଜାନୁୟାରୀ ୬ ରୁ ଆରମ୍ଭ ହୋଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଟୁର୍ନାମେଣ୍ଟରେ ଭାଗନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଦଳ ଚୟନ ଶେଷ ହୋଇଛି । ଆସନ୍ତା ୧୬ ତାରିଖରେ ହେବାକୁ ଥିବା ମ୍ୟାଚରେ ଚୟନ ହୋଇଥିବା ୧୬ ଜଣିଆ ଦଳ ମଙ୍ଗଳବାର କଟକ ଗସ୍ତ କରିବେ । ଦଳ ସହ ମ୍ୟାନେଜର ଭାବେ କ୍ରୀଡା ପରିଷଦ ସହ ସମ୍ପାଦକ ରାଜେଶ କୁମାର ମହାନ୍ତି ଏବଂ କୋଚ ଭାବେ ବ୍ରହ୍ମପୁରର ଡ. ସମରେନ୍ଦ୍ର କୁମାର ସାହୁ ଗସ୍ତ କରିବେ ବୋଲି କ୍ରୀଡା ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଅବସରରେ କ୍ରୀଡା ପରିଷଦ ସମ୍ପାଦକ ଡ. ପ୍ରସନ୍ନ କୁମାର ଦୀକ୍ଷିତ, ଡ. ସୁବ୍ରତ କୁମାର ସାହୁ, ପ୍ରଣବ କୁମାର ପଟ୍ଟନାୟକ, ଡି.ପି. ସିଂହଦେଓ, ମନୋଜ କୁମାର ଦଣ୍ଡପାଟ, ପରାଗ ରଞ୍ଜନ ମହାପାତ୍ର, ସ୍ପୋର୍ଟ୍ସ ଅଫିସର ରବି ଚରଣ ମିଶ୍ର ଓ ଏସ. କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ବାଇକ୍- ସାଇକେଲ ମୁହାଁମୁହିଁ, ଜଣେ ମୃତ

ଖଜୁରିପଡ଼ା,୧୪।୧(ଡି,ଏନ୍.ଏ.)

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗଞ୍ଜୁଗୁଡ଼ା ନିକଟରେ ଫୁଲବାଣୀରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୮ଟାରେ ବାଇକ୍ ସହ ସାଇକେଲ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁତିମେଣ୍ଡି ଗ୍ରାମ ମଲିକ ସାହିର ଅରୁଣ ଜାନିଙ୍କ ମୃତ ହୋଇଥିବା ବେଳେ ଖଜୁରିପଡ଼ା ବଜାର ସାହିର ସାଇକେଲ ଚାଳକ ବାବୁଲା ସାହୁ ଗୁରୁତର ହାଇଛନ୍ତି। ଖବର ପାଇ ଖଜୁରିପଡ଼ା ଆଇଆଇସି ଅନିତା କିଡ଼ୋ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅରୁଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ବାବୁଲା ଅବସ୍ଥା ସଙ୍କଟାପନ୍ନ ଥିବାରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଖଜୁରିପଡ଼ା ଥାନାରେ କେସ ନଂ. ୫/୨୦୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତଦେହକୁ ଖଜୁରିପଡ଼ା ଡାକ୍ତର ଖାନାରେ ରଖାଯାଇଛି। ମଙ୍ଗଳବାର ସକାଳେ ବାବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତ କରାଯିବ ବୋଲି ପୋଲିସ କହିଛି।

# ଶେଷ ଦିନରେ ପ୍ରହ୍ଲାଦ ନାଟକ ମୁଖ୍ୟ ଆକର୍ଷଣ

**ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ**

ବ୍ରହ୍ମପୁର ଅଫିସ,୧୪।୧

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ହିଲ୍‌ପାଟଣା ସଂସ୍କୃତି ଭବନ ପରିସରରେ ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ମହିଳା ବିଜେଡି ସଭାପତି ସଙ୍ଘମିତ୍ରା ଦଳାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନ ସଭାପତି ଅନିଲ କୁମାର ପାତ୍ର ସଭାପତିତ୍ୱ କରିଥିବା ବେଳେ ଡ. ମିହିର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ଶଙ୍କର୍ଷଣ ସାବତ ଧନ୍ୟବାଦ ଦେଇଥିଲେ । ଉଦ୍‌ଯାପନୀ ଦିବସରେ ସାମ୍ପ୍ରତିକ ନାଟ୍ୟ ପରମ୍ପରାରେ ଓଡିଆ ନାଟକର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହାପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଜାଗୃତି ସୁନାଥର ଅନୁଷ୍ଠାନର କଳାକାରଙ୍କ ପ୍ରହ୍ଲାଦ ନାଟକ ଦର୍ଶକଙ୍କୁ ମୁଗ୍ଧ କରିଥିବା ବେଳେ ଏକଲବ୍ୟ କଳା ନିକେତନ, ଗୁରୁ କେଳୁଚରଣ କଳାତୀର୍ଥ, ଅନ୍ୱେଷା କଳାକେନ୍ଦ୍ର, ନୁପୂର, ଗଞ୍ଜାମ କଳା ପରିଷଦ, ଏଇତ ଆରମ୍ଭ ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଝୁମାଇଥିଲା ।

# 'ଆଇ ଲଭ୍ ବ୍ରହ୍ମପୁର' ଫାଉଣ୍ଟେନ ଲୋକାର୍ପିତ

ବ୍ରହ୍ମପୁର ଅଫିସ,୧୪।୧

ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ସବରେଜିଷ୍ଟ୍ରାର ଅଫିସ ଛକରେ ନୂତନ ଭାବେ ନିର୍ମିତ 'ଆଇ ଲଭ ବ୍ରହ୍ମପୁର' ଫାଉଣ୍ଟେନ ସୋମବାର ଲୋକାର୍ପିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଡିଏ ଅଧକ୍ଷ ସୁବାସ ମହାରଣା ଅତିଥି ଭାବେ ଯୋଗଦେଇ ଫାଉଣ୍ଟେନକୁ ଲୋକାର୍ପଣ କରିଥିଲେ । ଏହି ଉତ୍ସବରେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ବିଏମ୍‌ସିର ନିର୍ବାହୀଯନ୍ତ୍ରୀ ଓ ଅନ୍ୟକର୍ମକର୍ତ୍ତା ଉପସ୍ଥିତ ଥିଲେ । ୧୨୦୦ ବର୍ଗଫୁଟ ଅଞ୍ଚଳରେ ନିର୍ମିତ ହୋଇଥିବା ଏହି ଫାଉଣ୍ଟେନ ବ୍ରହ୍ମପୁର କଳା, ସଂସ୍କୃତିର ଚିତ୍ର ସହ ପ୍ରାଣୀ ତଥା ପ୍ରାକୃତିକ ପରିବେଶର ସୁରକ୍ଷା ନେଇ ବାର୍ତ୍ତା ରଖାଯାଇଛି । ଏଥିରେ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି ।



ଲୋକାର୍ପିତ ହୋଇଥିବା ଆଇ ଲଭ ବ୍ରହ୍ମପୁର ଫାଉଣ୍ଟେନ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



ସୁଶାନ୍ତ



ବାବୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଅପହୃତା ନାବାଳିକା କଲିକତାରୁ ଉଦ୍ଧାର, ଅଭିଯୁକ୍ତ ଫେରାର୍

ବ୍ରହ୍ମପୁର ଅଫିସ୍,୧୪।୧

ବ୍ରହ୍ମପୁର ବଡବଜାର ଥାନାଞ୍ଚଳ ଏକ ସାହିରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ କଲିକତାରୁ ଉଦ୍ଧାର କରିଛି । ରବିବାର ଡାକ୍ତରୀ ମାଇନା କରାଯାଇ କୋର୍ଟରେ ବୟାନ୍ ରେକର୍ଡ କରିବା ପରେ ସୋମବାର ନାବାଳିକାଙ୍କୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି । ଅପହରଣକାରୀ ଜଣକ ଏଯାବତ୍ ଗିରଫ ଭୟରେ ଫେରାର୍ ହୋଇଯାଇଥିବା ଜଣାପଡିଛି । ପ୍ରକାଶଯେ, ୨୦୧୮ ଡିସେମ୍ବର ୧୪ରେ ବଡବଜାର ଥାନାଞ୍ଚଳର ଜଣେ ନାବାଳିକା ଛାତ୍ରୀ(୧୭) କଲେଜ ଯିବା ପରେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ପରିବାର ଲୋକେ ନ ପାଇବା ରୁ ତାଙ୍କ ମା' ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ନଂ. ୨୧୦/୧୮ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ବିଶେଷ ସୂତ୍ରରୁ ଖବର ପାଇ ଗତ ଶନିବାର ପୋଲିସ ନାବାଳିକାଙ୍କୁ କଲିକତାରୁ ଉଦ୍ଧାର କରିଥିଲା ବୋଲି ତଦନ୍ତକାରୀ ଅଧିକାରୀ କ୍ଷୀରୋଦଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ନାବାଳିକାଙ୍କ ସହିତ କୌଣସି ଏକ ଯୁବକଙ୍କର ପ୍ରେମ ସମ୍ପର୍କ ରହିଥିଲା । ଘଟଣା ଦିନ କଲେଜ ଯାଉଥିବା ଘରେ କହି ନାବାଳିକା ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କେଉଁଆଡେ ଚାଲି ଯାଇଥିଲେ । ଏନେଇ ଏତଲା ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରି ଘଟଣାର ଏକ ମାସ ପରେ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ତେବେ ଗିରଫ ଭୟରେ ଫେରାର ଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଜଣାଯାଇଛି ।

## ଡା. ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଅକ୍ସଫୋର୍ଡ ବିଜୟୀ

ବ୍ରହ୍ମପୁର ଅଫିସ୍,୧୪।୧

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଲିଡ୍‌ସ ସ୍ପୋର୍ଟିଂ କ୍ଲବ ତରଫରୁ ଦ୍ୱିତୀୟ ଡା. ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଅକ୍ସଫୋର୍ଡ କ୍ରିକେଟ କ୍ଲବ ଏବଂ ଖଲ୍ଲିକୋଟ ଉଇଜାର୍ଡ଼ ମଧ୍ୟରେ ଖେଳା ଯାଇଥିଲା । ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ଅକ୍ସଫୋର୍ଡ଼ ଦଳ ନିର୍ଦ୍ଧାରିତ ୩୦ ଓଭର୍‌ରେ ୯ ଉଇକେଟ୍ ହରାଇ ୧୭୫ରନ୍ କରିଥିଲା । ଦଳ ତରଫରୁ ତାପସ ରଞ୍ଜନ ୪୪, ରୋହିତ ୩୨ ଏବଂ ସୌମ୍ୟ ୨୬ରନ୍ କରିଥିଲେ। ଖଲ୍ଲିକୋଟ ଉଇଜାର୍ଡ଼ର ଶ୍ରୀକାନ୍ତ ଗୌଡ଼ ଏବଂ ଅକ୍ଷୟ ଗୌଡ଼ ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଖଲ୍ଲିକୋଟ ଉଇଜାର୍ଡ଼ ଶେଷ ଯାଏ ସଂଘର୍ଷ କରିଥିଲା । ଦଳ ୩୦ଓଭର୍‌ରେ ୯ଟି ଉଇକେଟ୍ ହରାଇ ୧୭୨ରନ୍ କରି ମାତ୍ର ୩ରନ୍‌ରେ ପରାସ୍ତ ହୋଇଥିଲା । ଦଳ ତରଫରୁ ଶ୍ରୀକାନ୍ତ ଗୌଡ଼ ୬୪ ଏବଂ କାହ୍ନୁଚରଣ ବାରିକ ୨୭ରନ୍ କରିଥିଲେ। ଅକ୍ସଫୋର୍ଡ଼ର ପି.ସନ୍ତୋଷ ରେଡ୍ଡୀ ଏବଂ ସନ୍ତୋଷ ହୋତା ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ଖଲ୍ଲିକୋଟ ଉଇଜାର୍ଡ଼ର ଶ୍ରୀକାନ୍ତ ଗୌଡ଼ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ପୁରସ୍କୃତ କରାଯାଇଥିଲା। ଅମ୍ପାୟର୍ ଭାବେ କେ.ଜଗନ୍ନାଥ ରାଓ ଏବଂ ପ୍ରସନ୍ନ ପାଢୀ ମ୍ୟାଚ୍ ପରିଚାଳନା କରିଥିଲେ । ସ୍କୋରର ଭାବେ ଭବାନୀ ମହାନ୍ତି ରହିଥିଲେ ।

ଏହା ପୂର୍ବରୁ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଟୁର୍ନାମେଣ୍ଟ ଆୟୋଜନ କମିଟି ଅଧ୍ୟକ୍ଷ ଆର୍. ମୁରଲୀ ମୋହନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡ଼ି ନେତା ବିକ୍ରମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଗବାନ ଗନ୍ତାୟତ ଏବଂ ବନମାଳୀ ସେଠୀ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ରାଜେନ୍ଦ୍ର ଜେନା ଯୋଗ ଦେଇଥିଲେ । କ୍ଲବ ସଂପାଦକ ମନୋଜ ଦଣ୍ଡପାଟ, ସୁନିଲ କୁମାର ସାହୁ, ସୂର୍ଯ୍ୟନାରାୟଣ ଗୌଡ଼, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଆଦିତ୍ୟ ପଟ୍ଟନାୟକ, ସତ୍ୟବ୍ରତ ସାହୁ, ଜିତେନ୍ଦ୍ର ତ୍ରିପାଠୀ ଓ ଦୀପଙ୍କର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ମଙ୍ଗଳବାର ଜୁନିୟର୍ କ୍ରିକେଟ କ୍ଲବ ଏବଂ ମହମ୍ମଦ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ । ୧୯ ତାରିଖ ଯାଏ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ ଦଳ ଭାଗ ନେଇଛନ୍ତି। ଗ୍ରୁପ୍-ଏ'ରେ ଅକ୍ସଫୋର୍ଡ଼ କ୍ରିକେଟ କ୍ଲବ, ଖଲ୍ଲିକୋଟ ଉଇଜାର୍ଡ଼, ଲିଡ୍‌ସ ବ୍ଲୁ ଏବଂ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ରହିଛି । ସେହିଭଳି ଗ୍ରୁପ୍-ବି'ରେ ଜୁନିୟର୍ କ୍ରିକେଟ କ୍ଲବ, ମହମ୍ମଦ କ୍ରିକେଟ କ୍ଲବ, ରୟାଲ୍ କ୍ରିକେଟ କ୍ଲବ ଏବଂ ଲିଡ୍‌ସ ସ୍ପୋର୍ଟି କ୍ଲବ ରହିଛି ।



ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ସଂକ୍ଷେପରେ**

## ପାଚେରି କାମ ନିମ୍ନମାନର ଅଭିଯୋଗ

ରାୟଗଡ (ଗଜପତି), ୧୪।୧(ଡି.ଏନ.ଏ)- ଗଜପତି ଜିଲା ରାୟଗଡ ବ୍ଲକ ସଦରସ୍ଥ ଅଗ୍ନିଶମ କେନ୍ଦ୍ର ଚାରିପଟେ କଂକ୍ରିଟ ପାଚେରି ନିର୍ମାଣ ଚାଲିଛି। ଏହି କାମ ନିମ୍ନମାନର ହେଉଥିବା ଓ ମୂଳଦୁଆ ଠିକ୍ ଭାବେ ଖୋଳାଯାଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ପାଚେରି ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏହାର ତଦନ୍ତ କରାଯିବା ସହ ପୁନଃ କାର୍ଯ୍ୟ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

ମହେନ୍ଦ୍ରତନୟା ନଦୀତଟବର୍ତ୍ତୀ ଅଞ୍ଚଳରେ ଅଗ୍ନିଶମ କେନ୍ଦ୍ର ରହିଛି। ସୁରକ୍ଷା ଦୃଷ୍ଟିରୁ ଏହି କେନ୍ଦ୍ର ଚାରିପଟେ ବିଭାଗ ପକ୍ଷରୁ କଂକ୍ରିଟ ପାଚେରି ନିର୍ମାଣ କରାଯାଉଛି। ଏଥିଲାଗି ପ୍ରାୟ ୨୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଗତ ମେ ମାସରେ କାମ ଆରମ୍ଭ ହୋଇଥିବା ବେଳେ ଇତିମଧ୍ୟରେ ଅବଧି ସରିଯାଇଥିବା ଜଣାପଡ଼ିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପାଚେରି ନିର୍ମାଣ ନିମନ୍ତେ ଅଢେଇ ଫୁଟ ଗଭୀରର ଗାତ ଖୋଳାଯାଇଛି। ପାହାଡ଼ିଆ ଅଞ୍ଚଳର ଆଳ ଦେଖାଇ ଠିକ୍ ଭାବେ ମୂଳଦୁଆ ଖନନ କରାଯାଇନାହିଁ। ସେହିପରି ବାଲି ଓ ସିମେଣ୍ଟ ମିଶ୍ରଣରେ ଅନିୟମିତତା ସାଙ୍ଗକୁ ନିକୃଷ୍ଟମାନର ସାମଗ୍ରୀରେ କାମ ଚାଲିଛି। ପାଚେରି ମଜଭୁତ ପାଇଁ ପାଣି ପକାଯିବା ଜରୁରୀ ଥିବାବେଳେ ନିୟମିତ ଭାବେ ପାଣି ପକାଯାଉନାହିଁ। ଧାର୍ଯ୍ୟ ସମୟସୀମା ବିତିବା ପରେ ବି କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ ଏ ନେଇ ପୋଲିସ ହାଉସିଂ ବୋର୍ଡ ଉପପରିଚାଳକ ବିଶ୍ୱମୋହନ ମିଶ୍ରଙ୍କୁ ପଚାରିବାରେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେବେ ପାଣି ଅଭାବ ସମସ୍ୟା ଯୋଗୁ ପାଚେରିରେ ଠିକ୍ ଭାବେ ପାଣି ପକାଯାଇପାରୁନାହିଁ ବୋଲି ସେ କହିଛନ୍ତି।

## କୃପାଳୁ ଶିଶୁ ସାହିତ୍ୟ ଆସର

ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ବାଲ୍ ମୁକୁନ୍ଦ କେନ୍ଦ୍ରରେ ଜଗତ୍‌ଗୁରୁ ଦିବସ ପାଳନ ସହ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଧାଗୋବିନ୍ଦ ଧାମର ନୂତନ ଗୃହ ପ୍ରବେଶ ନିମନ୍ତେ ମହେନ୍ଦ୍ରତନୟା ନଦୀରୁ କଳସ ଯାତ୍ରା, ହୋମ, ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ହୋଇଥିଲା । ସେହିପରି କେନ୍ଦ୍ର ପକ୍ଷରୁ ପରିଚ୍ଛା ମଠ ପରିସରରେ କୃପାଳୁ ଶିଶୁ ସାହିତ୍ୟ ଆସର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । ଦେବୀ ମଠର ମହନ୍ତ ସୀତାରାମ ଦାସ ମହାରାଜ ମକର ସଂକ୍ରାନ୍ତି ପାଳନ ବିଷୟରେ ଶିଶୁମାନଙ୍କୁ ବୁଝାଇଥିଲେ। ବାଲ୍‌ମୁକୁନ୍ଦ କେନ୍ଦ୍ରର ସଂଯୋଜିକା ନମିତା ଚୌଧୁରୀ ରାଷ୍ଟ୍ରର ମଙ୍ଗଳ କାମନା କରିଥିଲେ।

## ମା' ବାହୁତୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପୋଲସରା, ୧୪।୧ (ଡି.ଏନ.ଏ.)- ପୋଲସରା ବ୍ଲକ ପାଣ୍ଡିରିପଡ଼ା ପଞ୍ଚାୟତ ପାଣ୍ଡିରିପଡ଼ା ମେଡିକାଲ ପଡ଼ିଆରେ ସୋମବାର ମା ବାହୁତୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ନାମେଣ୍ଟରେ ୧୨ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ସମେତ ଗ୍ରାମବାସୀ ଓ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ ।

## ମକର ଉତ୍ସବରେ ହରିହର ଭେଟ, ମୁଆଁ ଫିଙ୍ଗା

ବୁଗୁଡ଼ା,୧୪।୧(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ମକର ଉତ୍ସବ ଉପଲକ୍ଷେ ବାଲିପଦରରେ ପ୍ରଥମେ ରଘୁନାଥ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ନୀଳକଣ୍ଠ ମନ୍ଦିରରୁ ଠାକୁରମାନଙ୍କୁ ଏକ ଶୋଭାଯାତ୍ରାରେ ବାଦ୍ୟବାଜଣା ସହ ମକର ପଡ଼ିଆରେ ହରିହରଙ୍କୁ ଭେଟ କରାଯାଇଛି। ଠାକୁରମାନଙ୍କ ମିଳନ ସ୍ଥଳରେ ମାନସିକଧାରୀମାନେ ନିଜର ମନସ୍କାମନା ପୂରଣ ହୋଇଥିବା ଯୋଗୁ ମୁଆଁ ଫିଙ୍ଗିଥିଲେ। ମାନସିକଧାରୀଙ୍କ ଏହି ମୁଆଁଫିଙ୍ଗା ଦୃଶ୍ୟ ଅତୀବ ଚିତ୍ତାକର୍ଷକ। ହରିହରଙ୍କ ମିଳନ ପରେ ଠାକୁରମାନଙ୍କୁ ପୁଣି ଏକ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇଥିଲା । ଏହି ସମୟରେ ପ୍ରତ୍ୟେକ ଘର ଆଗରେ ଭକ୍ତମାନେ ପୂର୍ଣ୍ଣକୁମ୍ଭ ଓ ପୂଜା ବାଢ଼ି ଠାକୁରଙ୍କୁ ସ୍ୱାଗତ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଠାକୁରମାନେ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ରଘୁନାଥ ମନ୍ଦିରର ଟ୍ରଷ୍ଟି କେ. ଅଶୋକ କୁମାର ପାତ୍ର, ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ଭାସ୍କର ଗୁରୁ ଓ ନୀଳକଣ୍ଠ ମନ୍ଦିରର ଟ୍ରଷ୍ଟି ଭୋବନୀ ରଣା ଓ କୋକରାମ ଜେନାଙ୍କ ତତ୍ତ୍ୱାବଧାନରେ ହରିହର ଭେଟ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଗଞ୍ଜାମ ଜିଲାରେ ମୋ' ଗେହ୍ଲା ଝିଅ ଯୋଜନା ଶୁଭାରମ୍ଭ

ଛତ୍ରପୁର,୧୪।୧(ଡି.ଏନ୍.ଏ.)

ଗଞ୍ଜାମ, ନୟାଗଡ, ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ପୁରୁଷ ତୁଳନାରେ ମହିଳାଙ୍କ ସଂଖ୍ୟା ବହୁତ କମ୍ । କନ୍ୟା ସଂଖ୍ୟା ବୃଦ୍ଧି ଏବଂ କନ୍ୟାଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସେପ୍ଟେମ୍ବର ୩ ତାରିଖରେ ଗଞ୍ଜାମ, ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ କନ୍ୟା ରତ୍ନ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଉ ପାଦେ ଆଗେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାରେ ମୋ ଗେହ୍ଲା ଝିଅ ଯୋଜନା ଆରମ୍ଭ କରାଯାଇଛି । ଜିଲାରେ ମାସକ ମଧ୍ୟରେ ଜନ୍ମ ନେଇଥିବା କନ୍ୟାଙ୍କ ମା'ଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଛତ୍ରପୁରସ୍ଥିତ ଜିଲାପରିଷଦ ଭବନରେ ଜିଲାସ୍ତରୀୟ ଏବଂ ପ୍ରତି ବ୍ଲକ ଓ ସହରାଞ୍ଚଳରେ ଏହି କାର୍ଯ୍ୟକ୍ରମ ହୋଇଛି। ଛତ୍ରପୁର ଏନଏସି କପିଳ ହରିଜନ ସାହିର ତରୁଣ ନାୟକଙ୍କ ସ୍ତ୍ରୀ ପ୍ରିୟତମା ଗତ ୯ ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅପରାହ୍ନରେ ତାଙ୍କ ଘରକୁ ଯାଇ ନବଜାତ କନ୍ୟା ଓ ପ୍ରିୟତମାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ



କନ୍ୟା ସନ୍ତାନର ମା'ଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

- କନ୍ୟାଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ
- ଜିଲା,ପଞ୍ଚାୟତ, ସହରାଞ୍ଚଳସ୍ତରରେ ହେଲା ଆୟୋଜନ
- ପ୍ରତି ମାସରେ ଗୋଟିଏ ଦିନ କନ୍ୟା ଜନ୍ମୋତ୍ସବ

ଜିଲାପାଳଙ୍କ ପକ୍ଷରୁ ୧ ହଜାର ଟଙ୍କା, ସିଡିପିଓଙ୍କ ପକ୍ଷରୁ ୫୦୦ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁକନ୍ୟା ସମୃଦ୍ଧି ଯୋଜନାରେ ୫୦୦ ଟଙ୍କା, ବେବିକିଟ୍, ଡ୍ରେସ୍ ଓ ପ୍ରିୟତମାଙ୍କୁ ମିଠା ଦିଆଯାଇଥିଲା । ପରେ ଜିଲାପରିଷଦ ଭବନରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଯୋଜନା କମିଟିର ସଦସ୍ୟ ତଥା ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦେଇ ଏହି ଯୋଜନା ପାଇଁ ଜିଲା ପ୍ରଶାସନକୁ ପ୍ରଶଂସା କରିଥିଲେ । କନ୍ୟା ସନ୍ତାନଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା କରାଇବା ଓ ସେମାନଙ୍କୁ ସମ୍ମାନ ଦେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ପ୍ରତିମାସରେ ଜିଲାର ସମସ୍ତ ପଞ୍ଚାୟତ ଓ ସହରାଞ୍ଚଳରେ ଗୋଟିଏ ଦିନ କନ୍ୟା ଜନ୍ମୋତ୍ସବ ପାଳନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ । ଛତ୍ରପୁର ଏନଏସି ଓ ବ୍ଲକର ୧୦୦ ନବଜାତ ଶିଶୁ କନ୍ୟାଙ୍କ ମା' ମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସିଡିଏମଓ ଡା. ସଦାନନ୍ଦ ମିଶ୍ର, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଅଭିନାଶ ଶତପଥୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଡିସପିଓ ସୁବୋଧ ଷଡଙ୍ଗୀ, ଶରତ ମହାରଣା, ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ ।

### ଟ୍ରକ ଚାଳକଙ୍କୁ ଆକ୍ରମଣ, ଲୁଟ ମାମଲା

## ୨ ଅଭିଯୁକ୍ତ ଗିରଫ, ବାଇକ୍ ଜବତ

ଦିଗପହଣ୍ଡି,୧୪।୧(ଡି.ଏନ.ଏ.)

ପାଟପୁର ଥାନା ସାତପେଣ୍ଠ ଗୋପାଳପୁର ଗ୍ରାମ ଇଟାଭାଟି ନିକଟରେ ଚଷୁ ବୋଝେଇ ଟ୍ରକକୁ ଅଟକାଇ ଚାଳକଙ୍କୁ ମାଡ଼ ଓ ଲୁଟ ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ। ଲୁଟ ମାମଲାରେ ସମ୍ପୃକ୍ତ ଶେରଗଡ଼ ଥାନା କେରିକେରି ଝୋଳା ଗ୍ରାମର କାହ୍ନୁ ଗୌଡ଼ ଏବଂ ସାତପେଣ୍ଠ ଗୋପାଳପୁର ଗ୍ରାମର ଅଶ୍ୱିନୀ ଗୌଡ଼ଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଡିସେମ୍ବର ୨୫ ତାରିଖ ରାତିରେ ଧରାକୋଟ ଗ୍ରାମର ଟ୍ରକ ଚାଳକ ସନ୍ୟାସୀ ସାହୁ ଚଷୁ ବୋଝେଇ ଟ୍ରକ ନେଇ ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ଅଭିମୁଖେ ଯାଉଥିଲେ। ଅଭିଯୁକ୍ତ ଦ୍ୱୟ ଟ୍ରକ ଅଟକାଇ ତାଙ୍କୁ ମାଡ଼ ମାରିବା ସହ ୧୦ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟ କରି ଫେରାର ହୋଇଯାଇଥିଲେ। ଏନେଇ ଏତଲା ହେବା ପରେ ପୋଲିସ ଘଟଣାର ତଦନ୍ତ କରି ନଂ. ୨୫୦/୧୮ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ବେଳେ ଲୁଟ ଘଟଣାରେ ବ୍ୟବହୃତ ବାଇକକୁ ଜବତ କରିଛି।

### ରାତିରେ ପୋଲିସ ଉଠାଇନେବାକୁ ବିରୋଧ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଜିଲା ପ୍ରଶାସନ, ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ**

ଫୁଲବାଣୀ ଅଫିସ, ୧୪।୧

ଫୁଲବାଣୀ ସଦର ଥାନା ଖଜୁରିପଡା ବ୍ଲକ ସୁଡ୍ରୁକୁମ୍ପା ଫାଣ୍ଡି ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଲାଗି ରହିଛି । ପୋଲିସ ପକ୍ଷରୁ ସେଠାରେ କୋମ୍ବିଂକୁ ଜୋରଦାର କରାଯାଇଛି । ମାଓବାଦୀଙ୍କ ସହ ସମ୍ପର୍କ, ସେମାନଙ୍କୁ ଖବର ଦେଉଥିବା ସନ୍ଦେହ କରି ପୋଲିସ ୨ ଗ୍ରାମରୁ ୬ ଜଣଙ୍କୁ ସନ୍ଦେହରେ ରାତି ଅଧିଆ ଉଠାଇ ଆଣି ପଚରା ଉଚୁରା କରୁଛି । ବିନା ଦୋଷରେ ଏବଂ କାହାକୁ କିଛି ନ ଜଣାଇ ପୋଲିସ ଏପରି କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ଏପରିକି ପୋଲିସ ସେମାନଙ୍କୁ ଧମକାଉ ଥିବା ଅଭିଯୋଗ କରି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି । ଏଥିସହ ଏକ ଦାବିପତ୍ର ଜିଲା ପ୍ରଶାସନ ଏବଂ ଏସ୍‌ପିଙ୍କୁ ପ୍ରଦାନ କରିଛନ୍ତି ।

ଟିକିରିପଡାରୁ ଏବଂ ମାଦିକୁଲାରୁ ୬ ଜଣଙ୍କୁ ପୋଲିସ ରାତି ଅଧିଆ ଉଠାଇ ନେଇଛି । ଆମେ ଗ୍ରାମବାସୀ ପୋଲିସ କୋମ୍ବିଂକୁ ବିରୋଧ କରୁନାହୁଁ । ଯାହାକୁ ପୋଲିସ ସନ୍ଦେହ କରୁଛି ଦିନ ବେଳେ ଆସି ନିଅନ୍ତୁ । ରାତି ଅଧରେ ଏପରି ହେଉଥିବାରୁ ଆମ୍ଭେମାନେ ହଇରାଣ ହେଉଛୁ। ପୋଲିସକୁ କିଛି କହିଲେ ସେମାନେ ଆମକୁ ଧମକାଉଛି ସେପଟେ ମାଓବାଦୀଙ୍କ ଡର ବୋଲି ମାଦିକୁଲା, ଟିକିରିପଡା, ଡଙ୍ଗାବାଣ୍ଡ୍ରା, ଶ୍ରାବା ଓ ମାଟିଘାଟି ଆଦି ଗ୍ରାମର ଲୋକେ ପ୍ରକାଶ କରିଛନ୍ତି । ସମ୍ପୃକ୍ତ ଯୁବକଙ୍କୁ ପଚାରା ଉଚରା ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ଗତ ୫ ତାରିଖରେ ସୁଡକୁମ୍ପା ଫାଣ୍ଡିଠାରୁ ୧ କି.ମି. ଦୂର ପାଡିଆମ୍ବା ଗ୍ରାମରେ ଥିବା ଜଣେ ଠିକାଦାରଙ୍କ କ୍ୟାମ୍ପକୁ ମାଓବାଦୀ ଧ୍ୱଂସ କରିବା ସହ ସେଠାରେ ଥିବା ଟ୍ରାକ୍ଟର, ମିନି ଟ୍ରକ ଓ ରୋଲର ଆଦି ପୋଡି ଦେଇଥିଲେ । କ୍ୟାମ୍ପ ଜଗୁଆଳି ମଲିକପଡା ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କୁ ନିଜ ଘରୁ ଉଠାଇ ନେଇ ଗୁଳି କରି ହତ୍ୟା କରିଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ।

# ମକର ମିଳନ ଉତ୍ସବ



ମଞ୍ଚାସୀନ ଅତିଥି ।

ଭଞ୍ଜନଗର,୧୪।୧(ଡି.ଏନ.ଏ)

ଭଞ୍ଜନଗର ଲୋକ ସଂସ୍କୃତି ଗବେଷଣା କେନ୍ଦ୍ର ପକ୍ଷରୁ ସୋମବାର ମକର ମିଳନ ଓ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ.କମ୍ବୁପାଣି ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତୀବାସ ବିଶ୍ୱାଳ ଯୋଗ ଦେଇଥିଲେ। କବି ମନୁ ନନ୍ଦ ପତି, ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ବଂଶୀଧର ଷଡ଼ଙ୍ଗୀ, ରାଜେନ୍ଦ୍ର ଷଡ଼ଙ୍ଗୀ, ଗୁରୁମୂର୍ତ୍ତି ନାୟକ, ଅଶୋକ ସ୍ୱାଇଁ, ସୁଷମା ନନ୍ଦ, ନବୀନ ଷଡ଼ଙ୍ଗୀ, ସ୍ୱାଧୀନ ଷଡ଼ଙ୍ଗୀ, ରଜନୀ ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ପ୍ରଶାନ୍ତ ମହାନ୍ତି ସଭା ସଂଯୋଜନା କରିଥିଲେ ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ

ଦାରିଙ୍ଗବାଡ଼ି,୧୪।୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସଭାଗୃହ ଠାରେ ସୋମବାର ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ବିଡିଓ ତ୍ରିଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବିଡିଓ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡକୁ ସମ୍ବୋଧିତ କରିବେ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେବେ। ବୈଠକରେ ତହସିଲଦାର ନିତିଶ ତ୍ରୀପାଠିଙ୍କ ସମେତ ବିଇଓ ପୁରେନ୍ଦ୍ର ବେହେରା, ସବ୍‌ଇନ୍ସପେକ୍ଟର ଗୋପାଳ କୃଷ୍ଣ ଆଗୁପାତ୍ର,ଆକାଉଣ୍ଟସ୍ ଅଫିସର କ୍ଷେତ୍ରୀବର ଜାନୀ, ଏପିଓ କେଦାର ଚନ୍ଦ୍ର ପଣ୍ଡା, ସହକାରୀ କୃଷି ଅଧିକାରୀ ପବିତ୍ର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶରତ ପ୍ରଧାନ,ବିଦେଶୀ ନାୟକ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ପତିତପାବନ ରାଉତ, ସିଆରସିସି ଶ୍ୟାମସୁନ୍ଦର ଦିଗାଳ, ବଣିକ ସଂଘର ସମ୍ପାଦକ ହରେନ ସାହୁ, ବୁଲୁ ସାହୁ, ଉପସଭାପତି ସନ୍ତୋଷ ସାହୁ, ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ଭଞ୍ଜ ଟ୍ରଫି ଭଲିବଲ ଟୁର୍ନାମେଣ୍ଟ, ମୋହନା ବିଜୟୀ



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଭଞ୍ଜନଗର,୧୪।୧(ଡି.ଏନ.ଏ.)

କୁଲାଡ଼ରେ ଚାଲିଥିବା ଭଞ୍ଜ ଟ୍ରଫି ଭଲିବଲ ଟୁର୍ନାମେଣ୍ଟର ସୋମବାର ମ୍ୟାଚ୍ ମୋହନା ଓ ବ୍ରହ୍ମପୁର ପାୱାର ସିକ୍ସ ମଧ୍ୟରେ ହୋଇଥିଲା। ଏଥିରେ ମୋହନା ୨-୦ ସେଟ୍‌ରେ ବିଜୟୀ ହୋଇଛି। ମୋହନାର ବବିନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିବ ପ୍ରସାଦ ସାହୁ ରେଫରି, ଲାଇନ୍ସ ମ୍ୟାନ୍ ନାରାୟଣ ବେହେରା, ନୀଳାଞ୍ଚଳ ମହାପାତ୍ର ଓ ସ୍କୋରର ଭାବେ ସୁଶାନ୍ତ ପଣ୍ଡା, ଜଗନ କୁମାର ରଥ ଥିଲେ। ଶଙ୍କର ରଥ, ସୁକାନ୍ତ ମିଶ୍ର, ଚନ୍ଦ୍ର ଶେଖର ସେନାପତି, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଅଶ୍ୱିନୀ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ମ୍ୟାଚ୍‌ରେ ଭି.ସଞ୍ଜିବ କୁମାର ରାଜୁ, ପ୍ରଭାକର ସାହୁ ଓ ଟି.ଦିଲୀପ କୁମାର ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ ।

## ମୋ ଗେହ୍ଲା ଝିଅ, କନ୍ୟା ଜନ୍ମୋତ୍ସବ ପାଳିତ

ବେଗୁନିଆପଡ଼ା,୧୪।୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଓଏଲଏମ୍ କକ୍ଷରେ ସୋମବାର ମୋ ଗେହ୍ଲା ଝିଅ, କନ୍ୟା ଜନ୍ମୋତ୍ସବ ପାଳିତ ହୋଇଯାଇଛି। ବିଡିଓ ଅରୁଣ କୁମାର ମଲିକ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା, ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ ଯୋଗଦେଇ ଦୁହିତା ଦୁଇ କୁଳକୁ ହିତ, ମା ପାଠୋଇ ହେଲେ ଦେଶ ଯିବ ଆଗେଇ ଓ କନ୍ୟା ସନ୍ତାନର ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ସହ ରୂପା ମିଶ୍ର, ତୁଳସୀ ମୁଣ୍ଡା, ପ୍ରତିଭା ରାୟ, ମିନତି ମହାପାତ୍ର, ସସ୍ମିତା ମଲିକ ଓ ଦ୍ୱିତୀଚାନ୍ଦଙ୍କ ଉଦାହରଣ ଦେଇ ନାରୀମାନେ କୌଣସି ଗୁଣରେ କମ ନୁହନ୍ତି ବୋଲି କହିଥିଲେ। ପରେ ଏହି ବ୍ଲକର ବିଭିନ୍ନ ସ୍ଥାନରୁ ନବ ଜନ୍ମିତ ୧୦ ଜଣ ଝିଅଙ୍କୁ ପୋଷାକ, ଖେଳନା ସହ ଏମାନଙ୍କ ନାମରେ ୧ ହଜାର ଟଙ୍କା ବ୍ୟାଙ୍କ ଖାତା ଖୋଲି ମାଆମାନଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଅର୍ଥରାଶି ଅତିଥିମାନଙ୍କ ସହ ବ୍ଲକ କର୍ମଚାରୀ ସ୍ୱଇଚ୍ଛାରେ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହିଭଳି ବ୍ଲକ ତରଫରୁ ଉତ୍ସବ ପାଳନ କରାଯାଇ ନବଜନ୍ମିତ କନ୍ୟା ସନ୍ତାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବିଡିଓ କହିଥିଲେ।

## ନାବାଳିକାଙ୍କୁ ଗର୍ଭବତୀ ଅଭିଯୋଗରେ ଯୁବକ ଗିରଫ

ଜି.ଉଦୟଗିରି,୧୪।୧(ଡି.ଏନ.ଏ.)

ଜି.ଉଦୟଗିରି ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ଅଭିଯୋଗରେ ଜି.ଉଦୟଗିରିରେ ରହୁଥିବା ସୁଜେଲୀ ଗ୍ରାମର ରିଙ୍କୁ ନାୟକ(୨୧)ଙ୍କୁ ସୋମବାର ପୋଲିସ ଗିରଫ କରି ଫୁଲବାଣୀ ପୋକସୋ କୋର୍ଟକୁ ପଠାଇଛି । ପୋଲିସ ନଂ. ୭/୧୯ ରେ ମାମଲା ରୁଜୁକରି ନାବାଳିକାଙ୍କୁ ଡ଼ାକ୍ତରୀ ମାଇନା ପରେ ଫୁଲବାଣୀ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି। ନାବାଳିକାଙ୍କ ଏତଲା ଅନୁଯାୟୀ ୨ ବର୍ଷ ହେବ ଉକ୍ତ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଗର୍ଭବତୀ ହେବା ଫଳରେ ନାବାଳିକାଙ୍କ ବାପା ଓ ମା' ଯୁବକଙ୍କ ବାପା ଓ ମା'ଙ୍କୁ ଏ ବିଷୟରେ ଜଣାଇଥିଲେ। ଗତ ଶୁକ୍ରବାର ସାହିରେ ସଭା ବସିଥିଲା। କିନ୍ତୁ ଯୁବକ କିମ୍ବା ତାଙ୍କ ବାପା ଓ ମା' ନାବାଳିକାଙ୍କୁ ବୋହୂ କରି ନେବା ପାଇଁ ରାଜି ନ ହେବାରୁ ନାବାଳିକା ଜଣକ ରବିବାର ଜି.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୭/୧୯ ରେ ମାମଲା ରୁଜୁ କରିଛି ବୋଲି ଜି.ଉଦୟଗିରି ଥାନା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମଣ ସେଠୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଛତ୍ରପୁରରେ ମକର ମିଳନ



**ଛତ୍ରପୁର,୧୪।୧(ଡି.ଏନ.ଏ):** ଛତ୍ରପୁର ସାହିତ୍ୟ ସଂସଦ ପକ୍ଷରୁ ସୋମବାର ମକର ମିଳନ ମହୋତ୍ସବ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଛତ୍ରପୁର କଲେଜ ଅଧକ୍ଷ ଡ. ସୌଭାଗ୍ୟ କୁମାର ସାହୁ ଯୋଗଦେଇ ମକର ମିଳନ ଓ ସମାଜ ଗଠନରେ ସାହିତ୍ୟର ଭୂମିକା ଉପରେ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନିରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଶିକ୍ଷାବିତ୍ ସୁବର୍ଣ୍ଣ ମାଳା ବିଷୋୟୀ, ଅଧାପକ ସୁଜିତ୍ ପଣ୍ଡା, ଅଧାପିକା ନିଖିଳପ୍ରଭା ମିଶ୍ର, ଅଜିତ ସେଠୀ, କେ. ସତ୍ୟ ନାରାୟଣ ରେଡ୍ଡୀ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରେ ଦିଲିପ କୁମାର ପଲେଇଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା । ଓକିଲ ବ୍ରଜ ମୋହନ ଆଚାର୍ଯ୍ୟ, ଗ୍ରନ୍ଥାଗାରିକ ଅମୀୟ କୁମାର ଧଳ ଓ ଅଧାପକ ଡ. ଅଜୟ ତ୍ରିପାଠୀ ଏଥିରେ ଯୋଗ ଦେଇଥିଲେ । ରାମଚନ୍ଦ୍ର ବେହେରା, ଡମିନାଥ ସାହୁ, ପି ଧର୍ମା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

### ୨୫ରୁ ରାଜ୍ୟସ୍ତରୀୟ ବିଘାଧର ସାହୁ ସ୍ମାରକୀ ଟୁର୍ଣ୍ଣାମେଣ୍ଟ

**ଭଣ୍ଡାରିପୋଖରୀ, ୧୪।୧(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଡାକ୍ତରଖାନା ଖେଳପଡିଆଠାରେ ୨୫ ତମ ବିଘାଧର ସାହୁ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୫ ତାରିଖ ଠାରୁ ଆରମ୍ଭ ହେବ ବୋଲି ମହାବୀର ଯୁବକ ସଂଘ ପକ୍ଷରୁ କୁହାଯାଇଛି। ମହାବୀର ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେବେ। ଏହି ଟୁର୍ଣ୍ଣାମେଣ୍ଟରେ ୨୭ ତାରିଖ ପ୍ରଥମ ସେମି ଫାଇନାଲ ଓ ୩୦ ତାରିଖ ୨ୟ ସେମି ଫାଇନାଲ ମ୍ୟାଚ ହୋଇ ଫେବୃୟାରୀ ୩ ତାରିଖ ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏନେଇ ମହାବୀର ଯୁବକ ସଂଘର ସଭାପତି ଗୋପିନାଥ ନାୟକ ଓ ସମ୍ପାଦକ ଧନେଶ୍ୱର ସ୍ୱାଇଁ ଜଣାଇଛନ୍ତି।

### ନାରୀ ଶକ୍ତି, ନାରୀ ଅଧିକାର ଆଲୋଚନାଚକ୍ର

**ଭଦ୍ରକ ଅଫିସ,୧୪।୧:** ନୂଆବଜାର ଗାନ୍ଧିପଡିଆ ଠାରେ ଚାଲିଥିବା ସଞ୍ଜୀବ ଜୁଏଲର୍ସ ପ୍ରାୟୋଜିତ ଭଦ୍ରକ ଜିଲା ମହୋତ୍ସବର ରବିବାର ନବମ ସନ୍ଧ୍ୟାର ଉତ୍ସବ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଦୁର୍ଗାଶଙ୍କର ବିଶ୍ୱାଳଙ୍କ ଅତିଥି ପରିଚୟ ଏବଂ ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀଙ୍କ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚରେ ନାରୀ ଶକ୍ତି ଓ ନାରୀ ଅଧିକାର ଶୀର୍ଷକ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସୁଲତା ଦେଓ ଯୋଗ ଦେଇ ସାନ୍ଧ୍ୟ ଉତ୍ସବକୁ ଉଦ୍‌ଘାଟନ କରି ବକ୍ତବ୍ୟରେ କହିଥିଲେ ଯେ ବର୍ତ୍ତମାନ ସମାଜରେ ନାରୀ ଆଉ ଦୁର୍ବଳା ଅବଳା ନୁହନ୍ତି। ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାରିଛନ୍ତି। ମାତ୍ର ମହିଳାଙ୍କୁ ଯେତିକି ସମ୍ମାନ ମିଳିବା କଥା ସେତିକି ସମ୍ମାନ ମିଳୁ ନାହିଁ। ସେଥିଲାଗି ପୁରୁଷ ସମାଜ ମଧ ସଚେତନ ହେବା ଉଚିତ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ କବି ବନ୍ଦନା ହରିଚନ୍ଦନ, ସାମାଜିକ କର୍ମୀ ସୀମା ଦାସ, ଜ୍ୟୋତ୍ସ୍ନାମୟୀ ପାତ୍ର, ଏଲିନା ସ୍ୱାଇଁ, ଅସୀମା ରାଉତରାୟ, ଭଦ୍ରକ ମାନବାଧିକାର ସୁରକ୍ଷା ସେଲର ସଭାପତି ରାଜଲକ୍ଷ୍ମୀ ମହାପାତ୍ର, ମୁଖ୍ୟବକ୍ତା ଭାବେ କଳ୍ପନା ଜେନା ଯୋଗ ଦେଇଥିଲେ ।

■ ବୁଗୁଡ଼ା, ପାତ୍ରପୁରରେ ଭାଜପାର ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

# ସାତ ଦିନରେ ଚାଷୀଙ୍କ ଋଣ ଛାଡ଼ କରିବୁ :ଧର୍ମେନ୍ଦ୍ର

**ବୁଗୁଡ଼ା,୧୪।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ନିୟୁଏରା ପବ୍ଲିକ ସ୍କୁଲ ପଡ଼ିଆରେ ସୋମବାର ଅନୁଷ୍ଠିତ ଭାଜପାର ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ବିରୋଦ୍ଧରେ ବର୍ଷିଛନ୍ତି। ମନ୍ତ୍ରୀ ପ୍ରଧାନ ଭାଜପା ଜନ ପରାମର୍ଶ ପଦଯାତ୍ରାରେ ଯାଇ ବୁଗୁଡ଼ା ସହରର ବିଭିନ୍ନ ସାହି ପରିକ୍ରମା କରିଥିଲେ। ଶେଷରେ ନିୟୁଏରା ପବ୍ଲିକ ସ୍କୁଲ ପଡ଼ିଆରେ ହୋଇଥିବା ସାଧାରଣ ସଭାରେ ଯୋଗ ଦେଇଥିଲେ। ଜିଲା ସଭାପତି ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଜବାବ ମାଗେ ଓଡ଼ିଶା କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୪ ଜଣ ମନ୍ତ୍ରୀ ଥିବା ବେଳେ ଏଠାରେ ଡ଼ାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି ବୋଲି କହି ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲାରେ ୧୯ ବର୍ଷ ଶାସନରେ ଥିବା ନବୀନ ସରକାରଙ୍କ ଅପାରଗତାରୁ ଶିଳ୍ପ କଳ କାରଖାନା ପ୍ରତିଷ୍ଠା ହୋଇପାରୁ ନ ଥିବା ଯୋଗୁ ଏଠିକାର ଲୋକେ ବାପା ମା'ଙ୍କୁ ଛାଡ଼ି ଦାଦନ ଖଟିବାକୁ ଯିବାକୁ ବାଧ ହେଉଛନ୍ତି ବୋଲି କହିଥିଲେ। ଲୋକେ ଗ୍ରାମଗୁଡିକରେ ପାନୀୟ ଜଳ ପାଇବାରେ ଅସୁବିଧା ଭୋଗ କରୁଛନ୍ତି। ବ୍ଲକରେ ମଣ୍ଡି ନ ଖୋଲିବା, ଚାଷୀ ଧାନର ଉପଯୁକ୍ତ ମୂଲ୍ୟ ନ ପାଇ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ବାଧ ହେଉଛନ୍ତି କହି ସରକାରଙ୍କୁ ଆମେ ଜବାବ ମାଗିବାକୁ ପଡ଼ିବ ବୋଲି ବକ୍ତବ୍ୟ ରଖିଥିଲେ। ଆମ ଗାଁ ଆମ ବିକାଶ ଓ ପିଠା କାର୍ଯ୍ୟକ୍ରମର ଭେଳିକି ଦେଖାଇ ନିର୍ବାଚନକୁ ଦୃଷ୍ଟିରେ ରଖି ଏସବୁ କରାଯାଇ ଲୋକଙ୍କ ଉପରେ ଋଣବୋଝ ବୃଦ୍ଧି କରି ଚାଲିଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ପ୍ରତ୍ୟେକ ବ୍ଲକରେ ବିଧାୟକ, ବଡ଼ବଡ଼ିଆ ଆଇଏଏସ୍ ଅଧିକାରୀଙ୍କ ଜାଣତରେ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଭିନ୍ନ ଯୋଜନାରେ ପିସି କାରବାର ହେଉଥିଲେ ମଧ ଏଥିପ୍ରତି ସରକାର କୌଣସି ପଦକ୍ଷେପ ନ ନେଇ କେବଳ ତଳିଆ କର୍ମଚାରୀଙ୍କୁ ଦାୟୀ କରୁଥିବା ସେ କହିଥିଲେ। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଯୋଜନାରେ ବାରମ୍ବାର ଡିଣ୍ଡିମ ପିଟୁଥିଲେ ମଧ କୁନ୍ଦୁଲି ପୀଡ଼ିତା, ବେବିନା ବଳାତ୍କାର ଓ ହତ୍ୟାରେ ଜାଣିଶୁଣି ଦୋଷୀଙ୍କୁ ଧରି ନ ପାରି ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଭଳି ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏଥିସହ କନ୍ଧମାଳ ଜିଲାର ଏକ ଆଶ୍ରମ ସ୍କୁଲରେ ନିକଟରେ ହୋଇଥିବା ଜନୈକା ଛାତ୍ରୀ ତଥା ନାବାଳିକାଙ୍କ ଗର୍ଭବତୀ ଘଟଣାକୁ ମନ୍ତ୍ରୀ ତୀବ୍ର ସମାଲୋଚନା କରି ନବୀନ ସରକାର ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ମୋଦି ସରକାର ଗତ ଅକ୍ଟୋବରରୁ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ୧୫୦୦ ଟଙ୍କା ଦରମା ବୃଦ୍ଧି କରିଥିଲେ ମଧ ଏଯାଏ ରାଜ୍ୟ ସରକାର ସେମାନଙ୍କୁ ନ ଦେଇ ତରବରିଆ ଭାବେ ଦରମା ବୃଦ୍ଧି ଘୋଷଣାକୁ ନାପସନ୍ଦ କରିଥିଲେ। କେନ୍ଦ୍ର ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟ ସରକାର ଏହାକୁ ଓଡ଼ିଶାରେ ଲାଗୁ ନ କରିବା ଦ୍ୱାରା ଲୋକେ ବଞ୍ଚିତ ହେଉଥିବା ସେ ସମାଲୋଚନା କରିଥିଲେ। ଏସବୁର ଜବାବ ମାଗିବା ଲାଗି ଉପସ୍ଥିତ ଜନସାଧାରଣଙ୍କୁ ସେ ନିବେଦନ କରିଥିଲେ। ଏ ସରକାର ପରିବର୍ତ୍ତନ ପାଇଁ ସମସ୍ତେ ସଚେତନ ହେବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋକୁଳାନନ୍ଦ ମଳିକ, ଗଙ୍ଗାଧର ନାୟକ, ଜିଲା ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ମହିଳା ନେତ୍ରୀ ପିଙ୍କି ପ୍ରଧାନ, ଜୟନ୍ତୀ ପଡ଼ିଆରୀ, ଅନିତା ଶୁଭଦର୍ଶିନୀ, ପୋଲସରା ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।




ପାତ୍ରପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ କର୍ମକର୍ତ୍ତା ।

**ପାତ୍ରପୁର:** ଚିକିଟି ନିର୍ବାଚନ ମଣ୍ଡଳୀକୁ ଆସି ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାତ୍ରପୁରରେ ଆୟୋଜିତ ଜନ ପରାମର୍ଶ ପଦଯାତ୍ରା ଓ ସାଧାରଣ ବୈଠକରେ ରଣ ହୁଙ୍କାର ଦେଇଛନ୍ତି। ମନ୍ତ୍ରୀ ପ୍ରଧାନଙ୍କୁ ବିରାଟ ପଟୁଆରରେ ଅଣାଯାଇଥିଲା। ପରେ ସେ ଜନ ପରାମର୍ଶ ପଦଯାତ୍ରାରେ ଯୋଗ ଦେଇଥିଲେ। ତୁଳସା ଦେବୀ ବିଦ୍ୟାଳୟରେ ଆୟୋଜିତ ଜବାବ ମାଗୁଛି ଓଡ଼ିଶା ନାମରେ ଜନ ସଭାରେ ଉଦ୍‌ବୋଧନ ଦେଇଥିଲେ। ଚିକିଟିରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି, ଏଠାରେ ଦେଓ ଶାସନ ଚାଲିଛି। ଯେଉଁ ରାଣୀମା' ଅଛନ୍ତି ସେ କେବଳ ଏକ କଣ୍ଢେଇ ମାତ୍ର, ଏଠାରେ ତାଙ୍କ ଚେଲା ଦେଓମାନେ ଶାସନ କରୁଛନ୍ତି ବୋଲି କହିଥିଲେ। ବିଜୁଳି, ପାନୀୟ ଜଳ, ଜମି କୁ ଜଳସେଚନ, ବାଘଲଟି ଜଳ ଭଣ୍ଡାର ବାସଚ୍ୟୁତ ପରିବାରଙ୍କ ସମସ୍ୟା, ଧାନ ମଣ୍ଡିରେ ଅବ୍ୟବସ୍ଥା, ଡ଼ାକ୍ତର ପଦବୀ, ପିପିଲିରୁ କନ୍ଧମାଳ ଯାଏ ହୋଇଥିବା ଘଟଣାକୁ ନେଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲେ। ମୁଖ୍ୟ ମନ୍ତ୍ରୀଙ୍କ ଜିଲା ହୋଇ ମଧ୍ୟ ଏଠାରେ ବିକାଶର ବାସ୍ନା ବାଜିନି । ଏଠାରେ ଏକ ସ୍ଥାଣୁ ସରକାର ଚାଲିଛି ଦୀପ ତଳ ଅନ୍ଧାର ବୋଲି କଡ଼ା ସମାଲୋଚନା ମଧ୍ୟ କରିଥିଲେ। ଏଠାକର ଯୁବପିଢି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି, କୌଣସି ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା ନାହିଁ, ଆଦିବାସୀ ଅଞ୍ଚଳରେ ବିକାଶ ବାଟବଣା ହୋଇଛି । ଏହାର ଯବାବ ଦିଅନ୍ତୁ ବୋଲି ପ୍ରଶ୍ନ କରିଥିବା ସହ ଯବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ଦରକାର ବୋଲି ପ୍ରକାଶ କରିଥିଲେ । ଆମ ଦଳ କ୍ଷମତାକୁ ଆସିଲେ ୭ ଦିନ ଭିତରେ ଚାଷୀଙ୍କ ଋଣ ଛାଡ଼ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ପାତ୍ରପୁର,୧୪।୧(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବିଜୁ କନ୍ୟା ରତ୍ନ, ଆମ କନ୍ୟା ଆମ ରତ୍ନ ଯୋଜନାରେ 'ମୋ ଗେହ୍ଲା ଝିଅ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ତହସିଲଦାର ପ୍ରଣତୀ ପ୍ରିୟଦର୍ଶିନୀ ରାଉତ, ଅତିରିକ୍ତ ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର, ଭାରପ୍ରାପ୍ତ ବିଡିଓ ସଞ୍ଜିବ ରାଜ ସେନାପତି, ସିଡିପିଓ ପଦ୍ମିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚଳିତ ମାସରେ ଜନ୍ମ ହୋଇଥିବା ୮ ଶିଶୁ କନ୍ୟାଙ୍କୁ ପୋଷାକ, ମା'ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

ଗୋପାଳପୁର/କନିଷି: ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ଗ୍ରାମପଞ୍ଚାୟତର ରାଳବ ଗ୍ରାମରେ ସୋମବାର ବିଜୁ କନ୍ୟାରତ୍ନ ଯୋଜନା ଆନୁକୂଲ୍ୟରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ସମ୍ମାନିତ ଅତିଥି ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ରଙ୍ଗିପୁର ପୂର୍ବତନ ସମିତିସଭ୍ୟ ରବି ସେଠୀ ଯୋଗ ଦେଇଥିଲେ । ଉକ୍ତ ଗ୍ରାମରେ ଜନ୍ମହୋଇଥିବା ଶିଶୁକନ୍ୟାଙ୍କର ଜନ୍ମଉତ୍ସବ ପାଳନ କରିଥିଲେ । ଏଥିସହ ୮ ଜଣ ମା'ଙ୍କୁ ମାନପତ୍ର ପ୍ରଦାନ ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ପୋଲସରା: ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମିତି ବୈଠକ ଗୃହରେ ସୋମବାର ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ବିଡିଓ ଶମ୍ଭୁନାଥ ନନ୍ଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ୫ ଜଣ କନ୍ୟାଙ୍କ ମା'ଙ୍କୁ ପ୍ରଶଂସାପତ୍ର ସହ କନ୍ୟାଙ୍କୁ ପୋଷାକ, ଖେଳନା ଦେଇ ସମ୍ମାନିତ କରାଯାଇଥିଲା। ପ୍ରତି ମାସର ୧୪ରେ ଜନ୍ମିତ କନ୍ୟା ସନ୍ତାନଙ୍କୁ ସମ୍ମାନିତ କରାଯିବ ବୋଲି ବିଡିଓ ନନ୍ଦି କହିଥିଲେ। ସିଡିପିଓ କୁନ୍ତଳା ନାୟକ, ତହସିଲଦାର ନରେଶ କୁମାର ସିଂ ବରିହା, ବ୍ଲକ ଅଧକ୍ଷ ବଳରାମ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଡୁଙ୍କାପଡ଼ା ଗ୍ରାମରେ ମଧ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୩ଟି କନ୍ୟା ସନ୍ତାନଙ୍କୁ ପୋଷାକ ସହ ପ୍ରଶଂସା ପତ୍ର ଦିଆଯାଇଥିଲା ।

ଖଲ୍ଲିକୋଟ: ଖଲ୍ଲିକୋଟ ବ୍ଲକ କୌରାଶିଗ୍ରାମ ବଡ଼ଦାଣ୍ଡ ସାହିରେ ସୋମବାର ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମ ସିଡିପିଓ ମମତା ରାଣୀ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତରେ ହୋଇଯାଇଛି। ଏଥିରେ ଏବିଡିଓ ଗଗନ ବିହାରୀ ପଟ୍ଟନାୟକ, କୌରାଶି ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ଲିଲି ପ୍ରଧାନଙ୍କ ଘରେ ପହଞ୍ଚି ନବଜାତ ଶିଶୁ କନ୍ୟାଙ୍କୁ ପୋଷାକ, ସାର୍ଟିଫିକେଟ ପ୍ରଦାନ ସହ ତହସିଲଦାର ୫୦୦ ଟଙ୍କା ଦେଇଥିଲେ। କାର୍ଯ୍ୟକ୍ରମର ସୁପରଭାଇଜର ମଞ୍ଜୁଲତା ଦାସଙ୍କ ସମେତ ବହୁ ଅଙ୍ଗନୱାଡି କର୍ମୀ ପଞ୍ଚାୟତ ଅଫିସ୍‌ରୁ ଏକ ଶୋଭାଯାତ୍ରାରେ ବାହାରି ଲିଲିଙ୍କ ଘରେ ପହଞ୍ଚି ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସିଡିପିଓ ପାତ୍ର କହିଛନ୍ତି।

ଚିକିଟି: ଜିଲାପାଳଙ୍କ ଆହ୍ୱାନକ୍ରମେ ସୋମବାର ମଧାହ୍ନରେ ଚିକିଟି ସମନ୍ୱିତ ଶିଶୁ ବିକାଶ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୁଲ୍ୟରେ ଚିକିଟି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜୁ କନ୍ୟାରତ୍ନ ଯୋଜନା ମୋ ଗେହ୍ଲା ଝିଅ ଶୁଭାରମ୍ଭ ହୋଇଯାଇଛି । ବ୍ଲକ୍‌ର ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରତ୍ୟେକ ମାସର ୧୫ ତାରିଖ ମଧରେ ଜନ୍ମିତ କନ୍ୟା ସନ୍ତାନଙ୍କ ଜନ୍ମ ଉତ୍ସବ ପାଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇ, ବିଡିଓ ଫାଲ୍‌ଗୁନି ମାଝି, ସିଡିପିଓ ମାଧୁରୀ ପାଢ଼ୀ, ଡ. ସୁଭଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୨୧ଟି ଶିଶୁକନ୍ୟାଙ୍କ ମା'ଙ୍କୁ ମାନପତ୍ର ସହ ପୋଷାକ ଦେଇ ସମ୍ମାନିତ କରାଯାଇଥିଲା।

ବୁଗୁଡ଼ା: ବୁଗୁଡ଼ା ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ସୋମବାର କାର୍ଯ୍ୟାଳୟ ସଭାଗୃହରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ସିଡିପିଓ ରଞ୍ଜିତା ତ୍ରିପାଠୀ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ବ୍ଲକ ଅଧକ୍ଷା ମାମି ସେନାପତି, ସମ୍ମାନିତ ଅତିଥି ବିଡିଓ ସୁକାନ୍ତ ମାଝି, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଗୋପବନ୍ଧୁ ବେହେରା ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରାଯାଇ ଉପସ୍ଥିତ ୧୫ ଶିଶୁ କନ୍ୟା ମା'ଙ୍କୁ ପୋଷାକ, ମେଡିସିନ କିଟ୍ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।

ଆସିକା: ଆସିକା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସୋମବାର ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ଅଧକ୍ଷତାରେ ଆସିକା ସହରରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ପୁନର୍ବିନ୍ୟାସ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ସିଡିପିଓ ଭାରତୀ ମହାପାତ୍ର, ଆସିକା ଡାକ୍ତରଖାନାର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ସାମନ୍ତରା, ଡାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀ ଯୋଗଦେଇଥିଲେ । ଏଥିରେ ୧୬ଜଣ ନବଯାତ ଶିଶୁ କନ୍ୟା ଓ ତାଙ୍କ ମା'ଙ୍କୁ ବେବି କିଟ୍ ଦେଇ ସ୍ୱାଗତ କରାଯିବା ସହ ଆଗାମୀ ୩ ଦିନ ମଧରେ ନବଜାତଙ୍କ ନାମରେ ସୁକନ୍ୟା ଯୋଜନାରେ ଜମା ଖାତା ଖୋଲିବା ଲାଗି ଘୋଷଣା କରାଯାଇଥିଲା । ଏହି ଅବସରରେ ଏକ ଶୋଭାଯାତ୍ରା ଆସିକା ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା ପରେ ଡାକ୍ତରଖାନାରେ ପହଞ୍ଚିଥିଲା।

ଦିଗପହଣ୍ଡି: ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଦିଗପହଣ୍ଡି ବ୍ଲକର ପଦ୍ମନାଭପୁର ଓ ଚୈତନ୍ୟପୁର ଗ୍ରାମରେ ଶୁଭାରମ୍ଭଜ ହୋଇଯାଇଛି । ପଦ୍ମନାଭପୁର ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ବିଡିଓ ହଳଧର ଶବର, ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିଖିଳ ମହାରଣା, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଯଶୋବନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନବଜାତ ଶିଶୁକନ୍ୟାଙ୍କୁ ନୂତନ ବସ୍ତ୍ର ଓ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

ହିଞ୍ଜିଳିକାଟୁ ବ୍ଲକ ପରିସରରେ ଆୟୋଜିତ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଏନ ରଘୁନାଥ, ଉପଧ୍ୟକ୍ଷା ଗୀତାଞ୍ଜଳି ପଣ୍ଡା,ତହସିଲଦାର ଗୋପୀନାଥ କୁଅଁର, ସିଡ଼ିପିଓ ଶୁଭାଶ୍ରୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏପରି କାର୍ଯ୍ୟକ୍ରମ ସମାଜରେ ଲିଙ୍ଗଗତ ବୈଷ୍ୟମତାକୁ ଦୂର କରିବ ବୋଲି ଅନ୍ୟ ଅତିଥି ମାନେ କହିଥିଲେ।

# ଦ୍ୱିତୀୟ କନ୍ୟା ଶିଶୁଜନ୍ମ ହେବାରୁ ସ୍ତ୍ରୀଙ୍କୁ ଛାଡି ପଳାଇଲେ ସ୍ୱାମୀ

**ଛତ୍ରପୁର,୧୪।୧(ଡି.ଏନ.ଏ.)**

ଦ୍ୱିତୀୟ କନ୍ୟା ଶିଶୁ ଜଣେ ମହିଳା ଜନ୍ମ ଦେବାରୁ ସ୍ୱାମୀ ତାଙ୍କୁ ଛାଡି ଚାଲିଯାଇଛନ୍ତି। ଏ ସମ୍ପର୍କରେ ସୋମବାର ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ପୋଡାପଦର ପଞ୍ଚାୟତ ହୁମ୍ବର ଗାଁରେ ଆୟୋଜିତ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଜଣାପଡିଥିଲା। ଏ ଘଟଣା ଶୁଣି ଗଞ୍ଜାମ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା ଓ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ଅସହାୟ ମହିଳାଙ୍କ ସାହାର୍ଯ୍ୟ ପାଇଁ ଉଦ୍ୟମ କରିଛନ୍ତି । ମହିଳାଙ୍କ ଘରକୁ ଯାଇ କନ୍ୟା ଶିଶୁଜନ୍ମ ଦେଇଥିବାରୁ ମା'ଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଉକ୍ତ ଅସହାୟ ମହିଳାଙ୍କ ନାଁ ବିଜୁ ପକ୍କା ଘର ଯୋଜନାରେ ସାମିଲ କରି ଏଥିପାଇଁ ସହାୟତା ପ୍ରଦାନ କରିବାକୁ ଜିଲା ପରିଷଦ ସଭାପତି ଓ ଉପଜିଲାପାଳ ଅନୁରୋଧ କରିଥିଲେ। ଜିଲାପାଳ ମଧ ଏନେଇ ସବୁଜ ସଙ୍କେତ ଦେଇଥିବା ସମ୍ପର୍କରେ ଜିଲା ପରିଷଦ ସଭାପତି ବେହେରା ଗଣମାଧମକୁ ସୂଚନା ଦେଇଛନ୍ତି। ମହିଳାଜଣଙ୍କ ୨ ଝିଅ ସହ ଏକ ଝୁମ୍ପୁଡି ଘରେ ରହୁଛନ୍ତି । ଏଥିସହ ତାଙ୍କ ସ୍ୱାମୀଙ୍କୁ ମଧ ଘରକୁ ଫେରାଇ ଆଣିବା ପାଇଁ ପ୍ରଶାସନ ଉଦ୍ୟମ କରିବ ବୋଲି କୁହାଯାଇଥିଲା। ଉକ୍ତ ମହିଳାଙ୍କର ପୂର୍ବରୁ ଗୋଟିଏ ଝିଅ ଥିବା ବେଳେ ୨ ତାରିଖରେ ଆଉ ଏକ କନ୍ୟା ସନ୍ତାନ ସେ ଜନ୍ମ ଦେଇଥିଲେ। ଏହାପରେ ତାଙ୍କ ସ୍ୱାମୀ ସେମାନଙ୍କୁ ଛାଡି ଚାଲିଯାଇଛନ୍ତି । ହୁମ୍ବରଗାଁରେ ଅନୁଷ୍ଠିତ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବେହେରା, ଛତ୍ରପୁର ଉପଜିଲାପାଳ ସାହୁ, ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ବିଡିଓ ସଚ୍ଚିଦାନନ୍ଦ ନାୟକ, ସରପଞ୍ଚ ପୀତାମ୍ବର ପଣ୍ଡା, ସମିତି ସଭ୍ୟା ରଞ୍ଜିତା ପଲେଇ, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ ଓ ତହସିଲଦାର ନୀଳମାଧବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।

# ପଟ୍ଟା ନପାଇ ଲୋକେ ହଟହଟା

**କନିଷି,୧୪।୧(ଡି.ଏନ.ଏ.)**

କନିଷି, ଗୋଳନ୍ଥରା, ଡାକରଡ଼ା, ହଳଦିଆପଦର, ଶାସନପଦର, ଚାନ୍ଦପୁର ଭଳି ୨୨ଟି ମୌଜାର ଭୂନକ୍ସା ଭୁଲ ଥିବା ଯୋଗୁ ବହୁଦିନ ହେଲା ଜନସାଧାରଣ ପଟ୍ଟା ପାଇବାରେ ବଞ୍ଚିତ ହୋଇଛନ୍ତି । ଏପରିକି କିସମ ପରିବର୍ତ୍ତନ ପାଇଁ ସରକାରୀ ଫି ପ୍ରଦାନ କରି ମଧ ବହୁଦିନ ପର୍ଯ୍ୟନ୍ତ ଘରବାରି ପଟ୍ଟା ପାଇନାହାନ୍ତି। ଇଣ୍ଟରନେଟ ସମସ୍ୟା ଏବଂ ବାରମ୍ବାର ବିଦ୍ୟୁତ୍ କାଟ୍ ହେବାରୁ ପଟ୍ଟା ସଂଶୋଧନ ହେବାରେ ବାଧା ସୃଷ୍ଟି ହେଉଛି। ଫଳରେ ସାଧାରଣ ଜନତା ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିପାରୁନାହିଁ ।



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଜଣେ ନାବାଳିକା ଛାତ୍ରୀ କନ୍ୟା ସନ୍ତାନ ଜନ୍ମଦେବା ଘଟଣାର ତଦନ୍ତ ପାଇଁ ବ୍ରହ୍ମପୁରରେ ରାଜ୍ୟ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଡିଆଇଜି ଆଶିଷ ସିଂହଙ୍କ ନିକଟରେ ଅଭିଯୋଗ କରୁଛନ୍ତି।



ନାବାଳିକା ଛାତ୍ରୀଙ୍କୁ ଭେଟିବାକୁ ବ୍ରହ୍ମପୁର ବଡ଼ମେଡ଼ିକାଲ ଆସିଥିବା ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ।



ଓଡ଼ିଶା ମହିଳା ସଚେତନ ମଞ୍ଚ ସଦସ୍ୟା ଏବଂ ନ୍ୟାଶନାଲ ହ୍ୟୁମାନରାଇଟସ୍ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ଦାରିଙ୍ଗବାଡି ଥାନାରେ ଘଟଣା ସମ୍ପର୍କରେ ବୁଝୁଛନ୍ତି।

